ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୦ ନଭେମ୍ବର, ୨୦୧୮



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ରେଙ୍ଗାଲିରେ ଇନ୍ଦିରା ଗାନ୍ଧୀ ଜୟନ୍ତୀ ପାଳିତ

**ରେଙ୍ଗାଲି,୧୯।୧୧(ଡି.ଏନ୍.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲି କଂଗ୍ରେସ ପକ୍ଷରୁ ସ୍ଥାନୀୟ ମହାବୀର ଛକ ବିର୍ସା ମୁଣ୍ଡା ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ଇନ୍ଦିରା ଗାନ୍ଧୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ରେଙ୍ଗାଲି ବ୍ଲକ କଂଗ୍ରେସ ସଭାପତି ସୁବାଷ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ଦୟାବତୀ ମୁଣ୍ଡା, ଜୋନ-୧ କାର୍ଯ୍ୟକାରୀ ସଭାପତି ଗୋପାଳ ପଣ୍ଡା, ରେଙ୍ଗାଲି ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମିତି ସଭ୍ୟ ସୂର୍ଯ୍ୟ ଓରାମ, ସାଗର ଭୋଇ, ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପରିଷଦ କାର୍ଯ୍ୟାଳୟଠାରେ ଇନ୍ଦିରା ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ପରିଷଦର ସଭାପତି ଡ. ତୁଳାସୀ ଦାସ ମାହାଣଙ୍କ ସଭାପତିତ୍ୱ, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଂଯୋଜନାରେ ଜୟନ୍ତୀ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ନାଏକ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ଶଶୀଭୂଷଣ ସାହୁ, ବୃନ୍ଦାବନ ସାହୁ, ଈଶ୍ୱର ପଟେଲ, ଗୋପାଳ ନାଏକ, ସୁବଳ ଚାନ୍ଦ ସାହୁ ଯୋଗ ଦେଇଥିଲେ।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଆନ୍ଦୋଳନ

**ନାକଟିଦେଉଳ,୧୯।୧୧(ଡି.ଏନ.ଏ.)-** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହର ମହାବନ୍ଦ ଡାକରାର ପ୍ରଭାବ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଦେଖିବାକୁ ମିଳିଛି। ନାକଟିଦେଉଳ ବ୍ଲକ ସଦରଠାରେ ଓକିଲ ସୁଜିତ କୁମାର ପ୍ରଧାନ, ଅମତାଭଞ୍ଜାନୀ ସାହୁ, ନୀଳମାଧବ ମହାକୁଡ଼, ରତ୍ନାକର ସାହୁ, ବିଶିଷ୍ଟ ଶ୍ରମିକ ନେତା ତଥା ସମାଜସେବୀ ଅନାଦିଚରଣ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ସୋମବାର ପୂର୍ବାହ୍ନ ୧୦ଟାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରିଥିଲେ। ଏଥିଯୋଗୁ ବ୍ଲକ, ତହସିଲ, ଆଇସିଡିଏସ, କେନ୍ଦୁପତ୍ର ଏବଂ ଜଙ୍ଗଲ ବିଭାଗ ରେଞ୍ଜ ଅଫିସରେ କାର୍ଯ୍ୟ ବନ୍ଦ ରହିଥିଲା। ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ।

### ବୁର୍ଲାରେ ମଧୁମେହ ଚିହ୍ନଟ ଶିବିର

**ସମ୍ବଲପୁର,୧୯।୧୧(ବ୍ୟୁରୋ)-** ଲାୟନ୍ସ କ୍ଲବ ପ୍ରଗତି ପକ୍ଷରୁ ମଧୁମେହ ଚିହ୍ନଟ ଶିବିର ବୁର୍ଲା ନେତାଜୀ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୭୮ଜଣଙ୍କ ମଧୁମେହ ଓ ରକ୍ତଚାପ ପରୀକ୍ଷା କରାଯାଇଥିଲା। କ୍ଲବ୍‌ର ପ୍ରଫୁଲ୍ଲ ସାହୁ, ସୁନ୍ଦରମଣୀ ବାଗ୍, ଅଶୋକ କୁମାର ସାହୁ, ସୁଧୀର କୁମାର ପଶାୟତ, ଲବ ମହାନନ୍ଦ, ପ୍ରଫୁଲ୍ଲ କୁମାର ପ୍ରଧାନ, ଡା. ଶରତ କୁମାର ନାଏକ, ଡା. ଲୋଚନ ଆରୁଖ, କୈଳାଶ ସାହା, ନବନୀତ କପାନି, ଚନ୍ଦନ ସାହୁ, ଟେକ୍‌ନିଶିଆନ୍ ପ୍ରମୋଦ ଦାଶ, ଇନ୍ଦୁ ପ୍ରଧାନ, ପ୍ରତିଭା ବିଶ୍ୱାଳ, ରେବତୀ ବିଶ୍ୱାଳ, ଜୁବଲି ଦୋରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ୨୫ରୁ କଖଗ ନାଟ୍ୟୋତ୍ସବ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ଧନୁପାଲି କଖଗ ପକ୍ଷରୁ ଚଳିତ ମାସ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ନାଟ୍ୟୋତ୍ସବ-୨୦୧୮ ହେବ। ଏଥିପାଇଁ ଝାଡୁଆପଡ଼ା ଆରଣ୍ୟକ ମଞ୍ଚ ପ୍ରସ୍ତୁତ ହୋଇଛି। ନାଟ୍ୟୋତ୍ସବର ପ୍ରଥମ ରଜନୀରେ ମାନସ ଓ ଦେଖ ଭାଇ ଦେଖ, ଦ୍ୱିତୀୟ ରଜନୀରେ କର୍ଣ୍ଣଧାର ଓ ଶେଷ ରଜନୀରେ ଏକଲବ୍ୟ ନାଟକ ମଞ୍ଚସ୍ଥ ହେବ। ରବିବାର ସମ୍ବଲପୁର ଜ୍ୟୋତି ସଭା କକ୍ଷଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଖଗ ସମ୍ପାଦକ ତଥା ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ନାଟ୍ୟୋତ୍ସବରେ ପୁରୁଖା କଳାକାରଙ୍କୁ ସାମିଲ କରାଯାଇଛି। ସେମାନେ ନବାଗତ କଳାକାରମାନଙ୍କ ସହ ଅଭିନୟର ପାରଦର୍ଶିତା ଦେଖାଇବେ। ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ସୂଚନା ଦେଇ କହିଥିଲେ ଯେ, ନାଟକରେ ୮୦ ବର୍ଷ ବୟସ୍କ ବୃଦ୍ଧାବୃଦ୍ଧ ଯୁବକ ଅନୁଭବ କରନ୍ତି। ଏଥିରେ ସେମାନଙ୍କ ଜୀବନଚର୍ଯ୍ୟା ସରସ ସୁନ୍ଦର ହୋଇଥାଏ। ଶିକ୍ଷାବିତ୍ ତଥା ବରିଷ୍ଠ କଳାକାର ଡ. ଦିଲୀପ କୁମାର ପଣ୍ଡା ନାଟକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ଶ୍ୟାମସୁନ୍ଦର ଧର ଉତ୍ସବର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ସୂଚନା ଦେଉଛନ୍ତି ।


ରବିବାର ଜାତୀୟ ପ୍ରଦର୍ଶନୀ ପଲ୍ଲିଶ୍ରୀ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

# ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ସମ୍ବଲପୁର,୧୯।୧୧ (ବ୍ୟୁରୋ)**

ଜାତୀୟ ପ୍ରଦର୍ଶନୀ ପଲ୍ଲିଶ୍ରୀ ମେଳା-୨୦୧୮ ରବିବାର ଅଇଁଠାପାଲି ପିଏଚଡ଼ି ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ, ଡିଏଫଓ ଡ. ସଞ୍ଜିତ କୁମାର, ଜିଲାପାଳ ସମର୍ଥ ବର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଡିଡିଆରଡିଏ ସୁକାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜକ ଓରମାସ୍ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା ସୂଚନା ଦେଇଥିଲେ। ମେଳାରେ ୧୮୮ ଷ୍ଟଲ ସ୍ଥାନ ପାଇଛି। ରାଜ୍ୟ ସମେତ ବିଭିନ୍ନ ରାଜ୍ୟର ଉତ୍ପାଦ ସାମଗ୍ରୀ ଉପଲବ୍ଧ ରହିଛି। ସସ୍ମିତା ପଟ୍ଟନାୟକ, ବିରୁପାକ୍ଷ ପ୍ରଧାନଙ୍କ ସଂଯୋଜନାରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ ସାଥି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପଲିଥିନମୁକ୍ତ ପାଇଁ ଅତିଥିମାନେ ସ୍ଲୋଗାନ ଦେଇଥିଲେ।

# ସମ୍ବିଧାନ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର,୧୯।୧୧ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ସୁରକ୍ଷା ପରିଷଦ ପକ୍ଷରୁ ସମ୍ବିଧାନ ଓ ଗଣତନ୍ତ୍ର ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର ରବିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ୍ ସଭ୍ୟ କିଶୋର ଜେନା ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ସ୍ୱାଧୀନତାର ୭୧ ବର୍ଷ ପରେ ମଧ୍ୟ ଦେଶରେ ଜନତାଙ୍କୁ ଅର୍ଥନୈତିକ ସମାନତା ମିଳୁ ନାହିଁ। ଅପରପକ୍ଷେ, ସମ୍ବିଧାନକୁ ସଂଶୋଧନ କରି ହିନ୍ଦୁ ରାଷ୍ଟ୍ର କରିବାକୁ ଷଡ଼ଯନ୍ତ୍ର ଚାଲିଛି। ଏହା ଧର୍ମ ନିରପେକ୍ଷତା ପ୍ରତି ବିପଦ ଅଟେ। ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ ହେତୁ ଗଣତନ୍ତ୍ର କ୍ଷୁର୍ଣ୍ଣ ହେଉଛି। ଅନ୍ୟତମ ଆଲୋଚକ ରାଜେନ୍ଦ୍ର ପଣ୍ଡା, ସିଆଇଟିୟୁ ଜିଲା ସଭାପତି ଗଦାଧର କୁଅଁର, ସିପିଆଇଏମ୍ ଜିଲା ସମ୍ପାଦକ ଜି ରାମାରାଓ ମଧ୍ୟ ବକ୍ତବ୍ୟ ରଖିଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ନିହାଲ ସିଂଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଯୁଗ୍ମ ଉପ ମହାସଚିବ ବାବା ବାଗ୍ ଧନ୍ୟବାଦ ଦେଇଥିଲେ।


ରବିବାର ସମ୍ବଲପୁରରେ ସମ୍ବିଧାନ ସୁରକ୍ଷା ଶୀର୍ଷକ ଆଲୋଚନା ଚକ୍ରରେ କିଶୋର ଜେନା ବକ୍ତବ୍ୟ ଦେଉଛନ୍ତି ।

# ଇଂଲିଶ ଶିକ୍ଷକଙ୍କ ଖୋଲା ଆଲୋଚନା

**ସମ୍ବଲପୁର,୧୯।୧୧ (ବ୍ୟୁରୋ)**

ଜିଲା ଶିକ୍ଷା ଅଫିସ ପକ୍ଷରୁ ଜିଲା ଇଂଲିଶ ଶିକ୍ଷକମାନଙ୍କ ଖୋଲା ଆଲୋଚନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲା। ଜିଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ପଣ୍ଡା, ପଦ୍ମନାଭ ମହାକୁର ବିଶେଷଜ୍ଞ ଭାବେ ଉପସ୍ଥିତ ରହିଥିଲେ। କୁସୁମା ଫାଉଣ୍ଡେଶନ ରାଜ୍ୟ ମୁଖ୍ୟ ଆଲୋକ ପାଣ୍ଡେ ସୂଚନା ଦେଇଥିଲେ। ଇଂରାଜୀ ବିଷୟ ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଭୟକୁ ଦୂର କରିବା, ପାଠ୍ୟଦାନ ପ୍ରଣାଳୀକୁ ଆକର୍ଷଣୀୟ କରିବା, ଇଂରାଜୀ ଭାଷାକୁ ଠିକ୍ ଭାବେ ବୁଝିବା ଓ କହିବା ଆଦି ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଦୃଶ୍ୟ, ଶ୍ରବ୍ୟ ଓ ଗ୍ରହଣଯୋଗ୍ୟ ଉପକରଣର ସାହାଯ୍ୟ ନିଆଯାଇ ଶିକ୍ଷାଦାନକୁ ସହଜ ଓ ବୋଧଗମ୍ୟ କରାଯିବାକୁ ମତପ୍ରକାଶ ପାଇଥିଲା। ଗୌରୀଦାସ ପ୍ରଧାନ ପ୍ରାରମ୍ଭିକ ସୂଚନା, ଶିକ୍ଷୟିତ୍ରୀ ସୁମିତା ପତ୍ରି ଆଲୋଚନାର ସାରାଂଶ ଉପସ୍ଥାପନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷିକା ଦିପାଲି ଚୌଧୁରୀ, ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ଅଶୋକ ସାହୁ, ସୌରୂପା ନାୟକ, ତାରାବତି ବେହେରା, କିଶୋର ପାଣିଗ୍ରାହୀ, ମିନା କୁମାର ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

### ଯୁବକଙ୍କୁ ଛୁରିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଚିପିଲିମା,୧୯।୧୧(ଡି.ଏନ.ଏ.)**

ବୁର୍ଲା ଥାନା ଅଧୀନ ଗୋଶାଳା ବଜରଙ୍ଗପଡା ଅଞ୍ଚଳର ଗୁଣନିଧି ପଟ୍ଟନାୟକ (୩୦)ଙ୍କୁ ଛୁରୀରେ ଆକ୍ରମଣ କରାଯାଇଛି। ସେ ନିର୍ମାଣାଧୀନ ଘରେ ପାଣି ଦେଉଥିବା ବେଳେ ପଡ଼ାର ଜଣେ ଯୁବକ ତାଙ୍କୁ ଛୁରୀ ମାଡ଼ କରି ଫେରାର୍ ହୋଇଯାଇଥିଲେ। ଗୋଶାଳା ବିଟ ହାଉସ ଅଧିକାରୀ ଅଭିଯୁକ୍ତ ଯୁବକ ଦୟାଶୀଷ ଦୀପ (୨୧)ଙ୍କୁ ଗିରଫ କରିଛନ୍ତି। ଗୁଣନିଧି ଆଖି ପତାରେ ଆଘାତ ଲାଗିଛି। ତାଙ୍କୁ ପୋଲିସ ଚିକିତ୍ସା କରାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୪୬୯/୧୮) ରୁଜୁ ହୋଇଛି। ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି।

### ବେଆଇନ ମଦ କାରବାର : ୨ ଗିରଫ

**ଚିପିଲିମା,୧୯।୧୧(ଡି.ଏନ.ଏ.)**

ବେଆଇନ ମଦ ବିକ୍ରି ଅଭିଯୋଗରେ ଗୋଶାଳା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସେମାନଙ୍କଠାରୁ ୮୨ ପାଉଚ ମଦ ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମୁଣ୍ଡୋଘାଟ ଗ୍ରାମର ସନ୍ୟାସୀ ଲୁହା ଓ କଦମପଡାର ପିଲୁ ଶର୍ମା। ଏ ନେଇ ବୁର୍ଲା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବା ପୋଲିସ ଅଧିକାରୀ ଅଜିତ ଧଳସାମନ୍ତ କହିଛନ୍ତି।

# ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ସମାବେଶ

**ସମ୍ବଲପୁର,୧୯।୧୧ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସମାବେଶ ରବିବାର ମାନେଶ୍ୱର ବ୍ଲକ ଗୁଣ୍ଡେରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ହେମବତୀ ବେହେରା ସମାବେଶରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପଶ୍ଚିମ ଓଡ଼ିଶା ଆବାହକ ପ୍ରଶାନ୍ତ ପାଢ଼ୀ ସଂଘର ନିର୍ବାଚନ ବିଷୟରେ ଜଣାଇଥିଲେ। ସଭାନେତ୍ରୀ ପ୍ରମିଳା ସିଂ, ସମ୍ପାଦିକା ସୌଦାମିନି ପାଣ୍ଡେ, କୋଷାଧ୍ୟକ୍ଷା ଅନିତା ନାୟକ, ଉପସଭାନେତ୍ରୀ ରୀତାରାଣୀ ପତି, ବିନୋଦିନୀ ନାୟକ, ମନି ପାଣ୍ଡେ, ଗୋପେଶ୍ୱରୀ ପଣ୍ଡା, ସହ ସମ୍ପାଦିକା ଇତିରାଣୀ ମିଶ୍ର, ଧରିତ୍ରୀ ଗର୍ଡିଆ, ଜୟନ୍ତୀ ପୁରୋହିତ, ପଦ୍ମା ବାରିକ, ସହ କୋଷାଧକ୍ଷା ସୁଲୋଚନା ଦିକ୍ଷିତ, ସଙ୍ଗଠନ ସମ୍ପାଦିକା ଲଳିତା ମିଶ୍ର ଆଲୋଚନାରେ ଭାଗ ନେଇଥିଲେ।



ସମ୍ବଲପୁର ଗୁଣ୍ଡେରପୁରଠାରେ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସମାବେଶରେ ପ୍ରତିନିଧିମାନେ ।

# ନାକଟିଦେଉଳ କଲେଜରେ ସ୍ୱଚ୍ଛତା ପକ୍ଷ ପାଳନ

**ନାକଟିଦେଉଳ,୧୯।୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ସୋମବାର ଜାତୀୟ ସେବା ଯୋଜନା ସହଯୋଗରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଦୀପେନ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ନାୟକ, ମନୋଜ କୁମାର ମିଶ୍ର ସ୍ୱଚ୍ଛତାର ଆବଶ୍ୟକତା ଓ ସମ୍ପ୍ରତି ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ଦର୍ଶାଇଥିଲେ। ଛାତ୍ରାବାସର ଯୁକ୍ତ ୨ ଓ ଯୁକ୍ତ ୩ର ଛାତ୍ରମାନେ ସ୍ୱଚ୍ଛତା ସମ୍ପର୍କିତ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



କଲେଜ ଛାତ୍ରଙ୍କ ଦ୍ୱାରା ପରିବେଷିତ ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ।

# ନାକଟିଦେଉଳ କଲେଜରେ ପାଠ ଯୋଜନା କର୍ମଶାଳା

**ନାକଟିଦେଉଳ,୧୯।୧୧ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଇତିହାସ, ଓଡ଼ିଆ, ବିଜ୍ଞାନ ବିଷୟ ସମ୍ପର୍କିତ ଏକଦିନିକିଆ ପାଠ ଯୋଜନା ସମ୍ପର୍କିତ ଏକ ସ୍ୱତନ୍ତ୍ର କର୍ମଶାଳା ସୋମବାର କଲେଜ ପରିସରରେ ଆୟୋଜିତ ହୋଇଯାଇଛି। ଯୁକ୍ତ ୨ ଶିକ୍ଷା ବିଭାଗ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାସଙ୍କ ଦ୍ୱାରା ପରିଚାଳିତ କର୍ମଶାଳାରେ ଶିକ୍ଷକ ହୁସେନ କୁମାର ସାହୁ ଇତିହାସ ପାଠ, ବିଜାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପାଠ ଯୋଜନା ପ୍ରସ୍ତୁତି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ଦାସ ବିଜ୍ଞାନ ବିଷୟ ଉପରେ ଆଲୋଚନା କରିଥିଲେ। ଯୁକ୍ତ ୨ର ପ୍ରଥମ ବର୍ଷ ୧୮୦ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇ ତାଲିମ ପ୍ରଦାନ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଦିପେନ କୁମାର ପଟ୍ଟନାୟକ କର୍ମଶାଳାର ଆବଶ୍ୟକତା ଓ ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଶେଷରେ ଧନ୍ୟବାଦ ଦେଇଥିଲେ।


କର୍ମଶାଳାରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

## ସୁମନ୍ତ ମିର୍ଦ୍ଧା ମେମୋରିଆଲ୍ ଫୁଟବଲ

# ଭାଲୁବାହାଲ ଏଜିସିକୁ ହରାଇ ବନ୍ଧପଡ଼ା ଚାମ୍ପିୟନ

**ପଡ଼ିଆବାହାଲ,୧୯।୧୧ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ପଡ଼ିଆବାହାଲ ନିକଟ ବୁଦେଲଛିଣ୍ଡ ଗ୍ରାମଠାରେ ୧୬ ଦଳକୁ ନେଇ ସୁମନ୍ତ ମିର୍ଦ୍ଧା ମେମୋରିୟାଲ ଦୁଇ ଦିବସୀୟ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ରବିବାର ଫାଇନାଲ ଖେଳରେ ପେନାଲ୍ଟି ସୁଟ୍‌ଆଉଟ୍‌ରେ ବନ୍ଧପଡ଼ା ଦଳ ଭାଲୁବାହାଲ ଏଜିସି କ୍ଲବକୁ ୩-୨ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ୧୭ ତାରିଖ ଶନିବାର ପରଦାମାଲ, ବନ୍ଧପଡ଼ା, ଗୁଡ଼େସିଂଘା, ବୁଢ଼ିକୁଟନି, ବଲଣ୍ଡା, କାଣିବନ୍ଧଲି, ଖୁଲିଆ ଓ ବୁରୋମାଲ ମଧ୍ୟରେ ମ୍ୟାଚ ହୋଇଥିଲା। ୧୮ରେ ବିଜାଢ଼ିହି, ଖରସନମାଲ, ନିଲଡୁଙ୍ଗୁରୀ, ରାଣୀବନ୍ଧ, କୁଦୋପାଲି, ବଇରାଗିପାଲି, ଏଜିସି କ୍ଲବ ଭାଲୁବାହାଲ ଓ ନୂଆପାଲି ମଧ୍ୟରେ ଖେଳ ହୋଇଥିଲା। ବରୁଣ ନାୟକ, ତରଣୀ ଡନସନା, ଅଭିମନ୍ୟୁ ମିର୍ଦ୍ଧା, ସମୀର ନାୟକ ରେଫରି କାର୍ଯ୍ୟ ତୁଲାଇଥିଲେ। ଆଦିତ୍ୟ ମିର୍ଦ୍ଧା, ଅଭିଜିତ ପଧାନ, ରାଜୁ ମିର୍ଦ୍ଧା, ବରୁଣ ମିର୍ଦ୍ଧା ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ। ନିମନ୍ତ୍ରିତ ଅତିଥି ସ୍ଥାନୀୟ ସାମ୍ବାଦିକ ରାଧାମୋହନ ଷଡ଼ଙ୍ଗୀ ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ସ୍ୱର୍ଗତ ସୁମନ୍ତଙ୍କ ୨ ନାବାଳିକା ଝିଅ ସୁହାସିନୀ ଓ ଶାଳିନୀ ମିର୍ଦ୍ଧା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ବିଜିତେନ୍ଦ୍ରୀୟ ସଭା ପରିଚାଳନା କରିଥିଲେ। ଯୁବ ଚାଷୀ ସୁମନ୍ତ ଜଣେ ଭଲ ଖେଳାଳି ଥିଲେ। ତାଙ୍କ ସ୍ମୃତିରେ ପ୍ରଥମ ବର୍ଷ ଏହି ଟୁର୍ନାମେଣ୍ଟ କରାଯାଇଥିଲା।


ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ସ୍ୱର୍ଗତ ସୁମନ୍ତ ମିର୍ଦ୍ଧାଙ୍କ ନାବାଳିକା ଝିଅ ସୁହାସିନୀ।



“ ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ପୋଷ୍ୟ ସନ୍ତାନ ସଚେତନତା ଅଭିଯାନ

**ବରଗଡ଼ ଅଫିସ,୧୯।୧୧:** ବରଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ପୋଷ୍ୟ ସନ୍ତାନ ସଚେତନତା ଅଭିଯାନ ୨୦୧୮ ରବିବାର ଆରମ୍ଭ ହୋଇଛି । ବରଗଡ଼ ଅତିରିକ୍ତ ଜିଲାପାଳ ତପିରାମ ମାଝି ଏହାର ଶୁଭାରମ୍ଭ କରିଥିଲେ । ଏଥିରେ ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ବିଦ୍ୟୁତ୍ ଦାଶ, ଅଞ୍ଜୁ ଅଗ୍ରୱାଲ, କବିତା ମେହେର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ସୁରେନ୍ଦ୍ର ଦାଶ, ସରୋଜ କୁମାର ପଧାନ, ବବିତା ରାଉତ, ପ୍ରଭାତ ଚାଲାନ, ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପର ଦିଲୀପ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯାନରେ ଏକ ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଚେତନ କରାଇବ ବୋଲି ସୂଚନା ମିଳିଛି ।

### ଭେଉଁରିଆରେ ରକ୍ତଦାନ ଶିବିର

**ପଦ୍ମପୁର, ୧୯।୧୧ (ଡି.ଏନ.ଏ):** ପଦ୍ମପୁର ସହର ନିକଟସ୍ଥ ଭେଉଁରିଆ ଗ୍ରାମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ ନିରୋଜ ଦୋରା ଯୋଗଦେଇ ରକ୍ତଦାନର ମହତ୍ତ୍ୱ ବିଷୟରେ ସୂଚନା ଦେଇଥିଲେ। ଭେଉଁରିଆ ସରପଞ୍ଚ ରଜନୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ମୋଟ ୨୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଉମେଶ ସାହୁ, ସମସ୍ତ ୱାର୍ଡ ମେମ୍ବର ତଥା ସମିତି ସଭ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ସୈନିକ କଲ୍ୟାଣ ସଂଘ ବୈଠକ

**ପଦ୍ମପୁର, ୧୯।୧୧ (ଡି.ଏନ.ଏ):** ବରଗଡ-ପଦ୍ମପୁର ସୈନିକ କଲ୍ୟାଣ ସଂଘର ଏକ ସାଧାରଣ ବୈଠକ ସଭାପତି ଭାସ୍କର ଦାସଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ଭାରତମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଆନନ୍ଦ ସିଂ ଖର୍ଚ୍ଚ ତାଲିକା ପ୍ରଦାନ କରିଥିଲେ । ରାହାସ ବିହାରୀ ତ୍ରିପାଠୀ, ରାମଚନ୍ଦ୍ର ତ୍ରିପାଠୀ, ଡ. ବାଞ୍ଛାନିଧି ପଣ୍ଡା, ସାମାଜିକ କର୍ମୀ ନିରୋଜ ଦୋରା, ପ୍ରତାପ କେଶରୀ ସିଂ ବରିହା, ରାମେଶ ଚନ୍ଦ୍ର ଦାନୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆରମ୍ଭ ନ ହେଉଣୁ ବିବାଦ

**ବରଗଡ଼ ଅଫିସ୍,୧୯।୧୧**

**ବରଗଡ଼ ଧନୁଯାତ୍ରା ମହୋତ୍ସବ**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଧନୁଯାତ୍ରା କଳାକାର ସଂଘର ସଭ୍ୟବୃନ୍ଦ ।

- କଂସ ଲବି ପରେ ନିର୍ଦ୍ଦେଶକ ହଟାଇବା ଦାବି ଜୋର୍ ଧରିଲା
- କଂସ ବଦଳିକୁ ଧନୁଯାତ୍ରା କଳାକାର ସଂଘର ନାପସନ୍ଦ
- କୃଷ୍ଣ, ବଳରାମ ବଦଳି ଦାବି ମଧ୍ୟ ଉଠିଲା
- ପୁରାଣ ଜ୍ଞାନ ଥିବା ବ୍ୟକ୍ତିଙ୍କୁ ନିର୍ଦ୍ଦେଶକ କରାଯାଉ
- ଗୋଟିଏ କଳାକାରଙ୍କୁ ଏକାଧିକ ଭୂମିକାରେ ସୁଯୋଗ ଦିଆ ନ ଯାଉ

ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉ ମାତ୍ର ମାସେ ୨୧ଦିନ ବାକି ରହିଲା । ମହୋତ୍ସବ ଯେତିକି ପାଖେଇ ଆସୁଛି ତାକୁ ନେଇ ବିବାଦ ଘନେଇବାରେ ଲାଗିଛି। କଂସ ବଦଳି ଲବି ଆରମ୍ଭ ହେବା ପରେ ଏବେ ନିର୍ଦ୍ଦେଶକଙ୍କୁ ହଟାଇବା ଦାବି ଜୋର୍ ଧରିଛି । ଏହି ପରିପ୍ରେକ୍ଷୀରେ ସୋମବାର ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ବରଗଡ଼ ଜିଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ୧୬ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛି ।

୨୦୧୭ରେ ହୋଇଥିବା ଚୟନ ପ୍ରକ୍ରିୟାରେ କଂସ ଅଭିନେତା ଭାବେ ମନୋନୀତ ହୋଇଥିବା ଭୁବନେଶ୍ୱର ପ୍ରଧାନଙ୍କ ବଦଳି ଦାବି ଓ ଲବି ପ୍ରସଙ୍ଗକୁ ଧନୁଯାତ୍ରା କଳାକାର ସଂଘ ନିନ୍ଦା କରିଛି । ବିଚାରକଙ୍କ ନିଷ୍ପତ୍ତି ପରେ ସର୍ବସମ୍ମତିକ୍ରମେ ବରଗଡ଼ ଧନୁଯାତ୍ରା ପରମ୍ପରା, ନିୟମ ଅନୁଯାୟୀ ଭୁବନେଶ୍ୱର ୩ବର୍ଷ ପର୍ଯ୍ୟନ୍ତ ଅଭିନୟ କରି ପାରିବେ ଏବଂ ତାଙ୍କୁ ବଦଳି କରାଗଲେ ତାହା ଧନୁଯାତ୍ରା ପରମ୍ପରା ପ୍ରତି କୁଠାରାଘାତ ହେବ ବୋଲି ସଂଘ ଅଭିଯୋଗ କରିଛି। ସେହିପରି ଗୋପପୁର ଯାତ୍ରାରେ ଶ୍ରୀକୃଷ୍ଣ, ବଳରାମ ଭୂମିକାରେ ଅଭିନୟ କରିବା ପାଇଁ ନୂତନ କଳାକାର (୧୦ରୁ ୧୨ବର୍ଷ)ଙ୍କୁ ମନୋନୀତ କରାଯିବା ସହିତ ଉଭୟ ମଥୁରା, ଗୋପପୁର କଳାକାରଙ୍କ ପ୍ରତି ସଠିକ୍ ବନ୍ଦୋବସ୍ତ କରିବାକୁ ଦାବି ହୋଇଛି। ବାହ୍ୟ କଳାକାରଙ୍କ ପ୍ରତି ଯେଭଳି ପରିଚର୍ଯ୍ୟା ହେଉଛି, ସ୍ଥାନୀୟ କଳାକାରଙ୍କୁ ମଧ୍ୟ ଅଣଦେଖା କରା ନ ଯାଇ ସେଭଳି କରାଯାଉ । ଗୋଟିଏ କଳାକାରଙ୍କୁ ଏକାଧିକ ଭୂମିକାରେ ସୁଯୋଗ ଦିଆ ନ ଯାଉ ବୋଲି ସଂଘ ପ୍ରସ୍ତାବ ଦେଇଛି।

ବରଗଡ଼ ଧନୁଯାତ୍ରାର ପାଣ୍ଡୁଲିପି ନାହିଁ । ଫଳରେ ଏଠାରେ ନିର୍ଦ୍ଦେଶକଙ୍କ ଆବଶ୍ୟକତା ନାହିଁ । ମାତ୍ର ନିର୍ଦ୍ଦେଶକ ଆଳରେ ନିର୍ଦ୍ଦେଶନା, ପରିଚାଳନାରେ ତ୍ରୁଟି ଯୋଗୁ କଳାକାରଙ୍କ ଅଭିନୟ ଠିକ୍ ହେଉନାହିଁ । ଫଳରେ ଗୀତା, ହରିବଂଶ, ରାମାୟଣ, ମହାଭାରତ ଭଳି ପୌରାଣିକ କଥାବସ୍ତୁ ଉପରେ ଜ୍ଞାନ ଥିବା ବ୍ୟକ୍ତିଙ୍କୁ ଏହି ଦାୟିତ୍ୱ ଦେବା ପାଇଁ ଦାବି ହୋଇଛି। ଯଦି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଳାକାର ଚୟନ କରାଯାଉଛି, ତେବେ ଧନୁଯାତ୍ରା ମହୋତ୍ସବର ବିଭିନ୍ନ ସମିତିର ପରିବର୍ତ୍ତନ କରାଗଲେ, ତାହା ହିଁ ଧନୁଯାତ୍ରା ମହୋତ୍ସବର ଉନ୍ନତିରେ ସହାୟକ ହେବ ବୋଲି କୁହାଯାଇଛି । ଧନୁଯାତ୍ରା କଳାକାରଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ, କଳାକାରଙ୍କ ରହଣି ସ୍ଥାନକୁ ବାହ୍ୟ ତଥା ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶକୁ ଅନୁମତି ନ ଦେବା, ଗୋପପୁର କମିଟି ପରିବର୍ତ୍ତିତ କରିବା ଏବଂ ଆର୍ଥିକ ସହାୟତା ବୃଦ୍ଧି ପାଇଁ ମଧ୍ୟ ସଂଘ ଦାବି ହୋଇଛି । ଧନୁଯାତ୍ରା କଳାକାର ସଂଘ ସଭାପତି ଦୟାନିଧି ପ୍ରଧାନଙ୍କ ନେତୃତ୍ୱରେ ଅନ୍ୟ ସଭ୍ୟମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଶ୍ୟାମ ବିହାରୀଙ୍କ ଜନ୍ମୋତ୍ସବ

**ଭଟଲି,୧୯।୧୧(ଡି.ଏନ.ଏ)**



ମହାପ୍ରଭୁ ଶ୍ରୀ ଶ୍ରୀ ଶ୍ୟାମବିହାରୀ ।

ଦ୍ୱିତୀୟ ଶ୍ୟାମଧାମ ଭାବେ ପରିଚିତି ଲାଭ କରିଥିବା ବରଗଡ଼ ଜିଲା ଭଟଲି ଶ୍ୟାମ ବିହାରୀ ମନ୍ଦିର ପରିସରରେ ମହାପ୍ରଭୁ ଶ୍ରୀ ଶ୍ରୀ ଶ୍ୟାମବିହାରୀଙ୍କ ଜନ୍ମଦିନ ସୋମବାର ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟୁଷରୁ ଏକ ମଶାଲ ଶୋଭାଯାତ୍ରା ବରଗଡ଼ରୁ ବାହାରିଥିଲା । ଏହି ପଦଯାତ୍ରା ଭଟଲି ଧାମରେ ପହଞ୍ଚିବା ପରେ ମହାପ୍ରଭୁଙ୍କୁ ଅଲୌକିକ ଶୃଙ୍ଗାର କରାଯାଇଥିଲା । ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟରାତ୍ରିରେ ଜନ୍ମଦିନ ଉପଲକ୍ଷେ ୫୧ କିଲୋର କେକ୍ କଟାଯାଇ ଜନ୍ମଦିନ ପାଳନ କରଯାଇଥିଲା । ଏହି ଅବସରରେ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟରୁ ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ।

■ ଗୋବନ୍ଧ୍ୟା ନିରାକରଣ ଶିବିର

# ୬୦ ଗାଈଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଲା

**ଅତାବିରା, ୧୯।୧୧ (ଡି.ଏନ.ଏ)**

ବରଗଡ ଜିଲା ଗୋଡଭଗା-ତୁରୁମ ଦୁଗ୍ଧ ମାର୍ଗ ସ୍ଥିତ ପାପ୍‌ପାଲି ଦୁଗ୍ଧ ଉତ୍ପାଦକ ସମିତି ପରିସରରେ ସୋମବାର ଗୋବନ୍ଧ୍ୟା ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋରୁଗାଈଙ୍କ ଗୋବନ୍ଧ୍ୟା, ଗର୍ଭ ପରୀକ୍ଷା କରାଯିବା ସହିତ ଦୁଧିଆଳି ଗାଈ, ବାଛୁରିମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗୋପାଳକମାନଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା। ଅବସରପ୍ରାପ୍ତ ସିଡିଭିଓ କେ. କୁଳପତି ରାଓ, ଗୋଡଭଗା ଦୁଗ୍ଧ ମାର୍ଗର କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହୁରୀ, ପାପପାଲି ଦୁଗ୍ଧ ଉତ୍ପାଦକ ସମିତି କୃତ୍ରିମ ପ୍ରଜନନକାରୀ ହୃଷିକେଶ ଖମାରୀ, ସମ୍ପାଦକ ଶିଶିର ଖମାରୀ, ଉପେନ୍ଦ୍ର ସେଟ, ହରିହର ସୁନା ପ୍ରମୁଖ ସହଯୋଗ କରିଥିଲେ । ଅବସରପ୍ରାପ୍ତ ସିଡିଭିଓ କେ. କୁଳପତି ରାଓ ଗାଈଗୋରୁଙ୍କ ସ୍ୱାସ୍ଥ୍ୟ, ଗର୍ଭ ପରୀକ୍ଷା କରିଥିଲେ । ୬୦ଟି ଗାଈଙ୍କ ପରୀକ୍ଷା କରାଯାଇଥିଲା । ଚିପିଲିମା ୟୁନିଟ ତାଲିମ ଅଧିକାରୀ ଡ. ସଞ୍ଜିବ କୁମାର ଶତପଥିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଦୁଗ୍ଧ ସମିତି ଗୁଡିକରେ ଗୋବନ୍ଧ୍ୟା ନିରାକରଣ ଶିବିର ଚାଲିଛି ।

# ଝାରବନ୍ଧରେ ତେଜିଲା ଚାଷୀ ଆନ୍ଦୋଳନ

**ଝାରବନ୍ଧ, ୧୯।୧୧ (ଡି.ଏନ.ଏ)**



ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ବିଭିନ୍ନ ଦାବିରେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଆଞ୍ଚଳିକ ଚାଷୀ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଚାଷୀମାନେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ତହସିଲ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଅନୁଷ୍ଠିତ ଏକ ସଭାରେ ସଙ୍ଗଠନର ସଭାପତି ଭୁବନାନନ୍ଦ ନାୟକ, ସମ୍ପାଦକ ଅଶୋକ ସାହୁ, ପ୍ରମୋଦ କୁମାର ରାୟ, ଲଳିତ ନାୟକ, ଚିନ୍ତାମଣି ରାଉତ, ତରୁଣ ପଟେଲ, ଜିଲାସ୍ତରୀୟ ଚାଷୀ ସଙ୍ଗଠନର ରମେଶ ମହାପାତ୍ର ପ୍ରମୁଖ ଯୋଗଦାନ କରି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ପରେ ଝାରବନ୍ଧ ତହସିଲଦାର ନାରାୟଣ ସାହୁ ଓ ଅତିରିକ୍ତ ତହସିଲଦାର ପର୍ଶୁରାମ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଝାରବନ୍ଧ ଚିର ମରୁଡି ପ୍ରପୀଡିତ ଅଞ୍ଚଳ । ଏଠାରେ ଆବଶ୍ୟକ ଜଳ ସେଚନ ସୁବିଧା ନ ଥିବାରୁ ପ୍ରତିବର୍ଷ ମରୁଡି ହୋଇଥାଏ । ୨୦୧୫ ମସିହାରୁ ଅଦ୍ୟାବଧି ଲଗାତାର ଚାରିବର୍ଷ ମରୁଡିର ସମ୍ମୁଖୀନ ହୋଇ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଗଲାଣି । ଲୋକେ ଏଠାରୁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପଳାଉଛନ୍ତି । ଫଳରେ ଚାଷୀଙ୍କ ସମସ୍ୟାର ସମାଧାନ ଦାବି କରି ସେମାନେ ଆନ୍ଦୋଳନ ମୁହାଁ ହୋଇଛନ୍ତି । ଝାରବନ୍ଧ ବ୍ଲକର ପୂର୍ବ ଦିଗରେ ଅଙ୍ଗନଦୀ ଓ ପଶ୍ଚିମ ଦିଗରେ ଜୋଙ୍କ ନଦୀ ପ୍ରବାହିତ ହୋଇଛି । ଏହି ନଦୀରେ ଚେକ୍ ଡ୍ୟାମ କରି ଝାରବନ୍ଧ ଅଞ୍ଚଳକୁ ମେଗା ପ୍ରୋଜେକ୍ଟ ମାଧ୍ୟମରେ ଜଳସେଚନର ସୁବିଧା ହୋଇପାରିବ । ଏହା କରାଗଲେ ଝାରବନ୍ଧ ବ୍ଲକର ସ୍ଥାୟୀ ମରୁଡି ପ୍ରତିକାର କରାଯାଇପାରିବ ବୋଲି ଚାଷୀ ସଙ୍ଗଠନ ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ୩୨ ୟୁନିଟ ରକ୍ତ ସଂଗ୍ରହ

**ଅତାବିରା, ୧୯।୧୧ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ ଶାନ୍ତି ନର୍ସିଂହୋମ ପରିସରରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଅତାବିରା ଥାନା ଆଇଆଇସି ଗୌରାଙ୍ଗ ଚରଣ ସାହୁ ମୁଖ୍ୟଅତିଥି, କାଦୋବାହାଲ ସରକାରୀ ଡାକ୍ତରଖାନାର ଡା. ଗିରିଧାରି ପ୍ରଧାନ, ସଞ୍ଜୀବ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଡା. ଅରୁଣ ଶର୍ମା, ବିକାଶ ମିଶ୍ର, ଡା. ଗିରିଧାରି ପ୍ରଧାନ, ମହମ୍ମଦ ଅଜିଦ, ବିକାଶ ଦେବତା, ପିଙ୍କୁ ରୋହିଦାଶ, ଆଶୁତୋଷ ଶର୍ମା, ଅସିତ ସାହ, ରମଣି ଦନ୍ତା, ସଞ୍ଜୀବ ଛନ୍ଦ ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବରଗଡ ରକ୍ତଭଣ୍ଡାରର ଅମରଜିତ ମହାନ୍ତି, ରେବତୀକାନ୍ତ ସାହୁ, ରାକେଶ ରଣା, ବବିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ । ଲାୟନ୍ସ କ୍ଲବ ସଭାପତି ସଞ୍ଜୀବ କୁମାର ଭୋଇ, ଡା. ଅରୁଣ କୁମାର ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗାଁ ରାସ୍ତା ସଫେଇ କଲେ ଯୁବକ





ଯୁବକମାନେ ଗାଁ ସଫେଇ କରୁଛନ୍ତି ।

**ବରଗଡ଼ ଅଫିସ୍,୧୯।୧୧**

ବରଗଡ଼ ବ୍ଲକ ଅନ୍ତର୍ଗତ ଲାଉନସରା ଗ୍ରାମର ଯୁବଶକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଯୁବକମାନେ ରବିବାର ଗାଁ ସଫେଇ କରିଛନ୍ତି। ସେମାନେ ଗ୍ରାମର ସ୍କୁଲଠାରୁ ବସ୍ତି ପର୍ଯ୍ୟନ୍ତ ରାସ୍ତାକଡ଼ ସଫେଇ କରିଥିଲେ। ଏହା ସହିତ ବିଦ୍ୟୁତ ଖୁଣ୍ଟରେ ଏଲଇଡି ବଲବ୍ ଲଗାଇଥିଲେ। ସଙ୍ଗଠନର ସଭାପତି ନବକୃଷ୍ଣ ଦନ୍ତା, ସମ୍ପାଦକ ଢ଼ାଲେଶ୍ୱର ବିଶ୍ୱାଳଙ୍କ ସମେତ ଅନ୍ୟ ସଭ୍ୟମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# କୋଶଳ ସ୍କୁଲ: ୫୮୫ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ସରଣ୍ଡା,୧୯।୧୧(ଡ଼ି.ଏନ୍.ଏ)**



କୋଶଳ ସ୍କୁଲ ଚେୟାରମ୍ୟାନ ବିଚାରକଙ୍କ ସହ ବିଜ୍ଞାନ ମେଳାକୁ ବୁଲି ଦେଖୁଛନ୍ତି ।

ଅତାବିରା ବ୍ଲକର କୋଶଳ ଆବାସିକ ସ୍କୁଲରେ ରବିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲର ଛାତ୍ରୀଛାତ୍ରମାନେ ୫୮୫ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ବିଜ୍ଞାନରେ ୨୮, ସାମାଜିକ ବିଜ୍ଞାନରେ ୧୭, ପୁଷ୍ପରେ ୪୦ ଓ ଚିତ୍ରାଙ୍କନରେ ୫୦୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ମେଳାରେ ଲରମ୍ଭା କଲେଜର ଅଧ୍ୟାପକ ଅଶୋକ କୁମାର ମହାନ୍ତି ଏବଂ ରବିନ୍ଦ୍ର ନାଏକ ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲର ଚେୟାରମ୍ୟାନ ଏମ୍‌ଭିଏ ସୁବାରାଓ, ନିର୍ଦ୍ଦେଶକ ନଳିନୀ ପଟ୍ଟନାୟକ, ଅଧ୍ୟକ୍ଷା ମଧୁ ପଟ୍ଟନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ବୁଲି ଦେଖିଥିଲେ । ସ୍କୁଲର ବାର୍ଷିକୋତ୍ସବରେ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି । ସ୍କୁଲର ବିଜ୍ଞାନ ଶିକ୍ଷକ ଦୁଷ୍ମନ୍ତ ବିଶ୍ୱାଳ, ସଙ୍ଗୀତା ତନ୍ତ୍ରୀ, ଡ଼ି.କେ ପ୍ରଦ୍ୟୁମ୍ନ କିଶୋରୀ ନାୟକ, ଦୀପ୍ତିମୟୀ ଖମାରୀ, ରୂପରଞ୍ଜନ ବୁଢ଼େକ, ଜି. ପଟ୍ଟାଭି ରାମାୟା, ମୃତ୍ୟୁଞ୍ଜୟ ବେହେରା, ସାମାଜିକ ବିଜ୍ଞାନ ଶିକ୍ଷକ ରବିନ୍ଦ୍ର କୁମାର ବେହେରା, ୟୁକେ ପାଇକରାୟ ଏବଂ ଗୋପାଲି ଚାଟାର୍ଜୀ ସହଯୋଗ କରିଥିଲେ ।

# ୮ଦଫା ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୧୯।୧୧**

ଭାରତୀୟ କିସାନ ସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ସୋମବାର ୮ଦଫା ଦାବିରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ । କୃଷିଋଣ ଛାଡ଼, ୫୮ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଚାଷୀଙ୍କୁ ପେନସନ, ମରୁଡ଼ି ସହାୟତା ପ୍ରଦାନ, ୨୦୧୭ ଫସଲକ୍ଷତିର ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ଚାଷୀଙ୍କୁ ତୁରନ୍ତ ତାହା ପ୍ରଦାନ କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଏହା ସହିତ ଧାନରେ କୁଇଣ୍ଟାଲ ପ୍ରତି ୫୦୦ ଟଙ୍କା ବୋନସ, ଜୈବିକ ଚାଷ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ, ଜୈବିକ ପରିବା ହାଟ, ଶୀତଳ ଭଣ୍ଡାର ନିର୍ମାଣ, ମରୁଡ଼ିର ସ୍ଥାୟୀ ପ୍ରତିକାର ଏବଂ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ଦାବି ହୋଇଛି । ଭାରତୀୟ କିସାନ ସଂଘ, ବରଗଡ଼ ଜିଲା ଶାଖାର ସଭାପତି ଶ୍ରୀମୁଖ ପ୍ରଧାନ, ସମ୍ପାଦକ ସୋମନାଥ ଭୋଇଙ୍କ ନେତୃତ୍ୱରେ ବହୁ ସଭ୍ୟ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା କିସାନ ସଂଘର ସଭ୍ୟବୃନ୍ଦ ।

# ବିର୍ସାମୁଣ୍ଡା ଜୟନ୍ତୀରେ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୧୯।୧୧**



ବୀର ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଓ ସମ୍ବିଧାନ ଦିବସ ଅବସରରେ ଶୋଭାଯାତ୍ରା ବରଗଡ଼ ସହର ପରିକ୍ରମା କରୁଛି ।

ବୀର ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଓ ସମ୍ବିଧାନ ଦିବସ ଅବସରରେ ସୋମବାର ଏକତାର ସଂକଳ୍ପ ନାମକ ଏକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚୂଳଧର, ରାଉତପଡ଼ା, ବରଗଡ଼ ମୁଣ୍ଡାପଡ଼ା ଅଞ୍ଚଳର ସାଂସ୍କୃତିକ ଦଳ ଯୋଗ ଦେଇଥିଲେ ଏବଂ ଆଦିବାସୀ ବେଶଭୂଷାରେ ସହର ପରିକ୍ରମା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଶୁଦ୍ର ମୁକ୍ତି ଅଭିଯାନର ଆବାହକ ପବିତ୍ର ଦେହେରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାନସଭା କିମ୍ବା ଲୋକସଭାକୁ ଓବିସି ଭାଇମାନେ ପହଞ୍ଚି ପାରିଲେ ଯାଇ ସମତା ହୋଇପାରିବ ବୋଲି କହିଥିଲେ। ସେହିପରି ବିର୍ସା ମୁଣ୍ଡା ଯେଭଳି ସଂଗ୍ରାମ କରିଥିଲେ, ତାକୁ ପାଥେୟ କରି ଆଗେଇ ଚାଲିବାକୁ ଓବିସି ଏକତା ମଞ୍ଚର ଆବାହକ ଶଙ୍କର ପାତ୍ର ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଅଭିରାମ ମଲ୍ଲିକ, ନିହାଲ ସିଂ, ବିଜୟ ଉପାଧ୍ୟାୟ, କୌସ୍ତୁଭ ବୁଧିଆ, ମାରିୟମ ବାର୍ଲା, ଗୁରୁପ୍ରୀତ ସିଂ, ଭବାନୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ନିଯୁକ୍ତିରେ ଚଞ୍ଚକତା, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୯।୧୧**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଯୁବକମାନେ ।

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜଗଲପାଟ ପଞ୍ଚାୟତରେ ଯୋଗାଣ ସହାୟକ ପଦବୀ ପୂରଣ ପାଇଁ ଚଞ୍ଚକତା ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ଯୁବକମାନେ ସୋମବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯୋଗାଣ ସହାୟକ ପଦବୀ ପୂରଣ ପାଇଁ ପଞ୍ଚାୟତ ଅଫିସକୁ ଚିଠି ଆସିଛି । ମାତ୍ର ସେହି ଚିଠିକୁ ସର୍ବସାଧାରଣଙ୍କ ଅବଗତିକୁ ଆଣିବା ପାଇଁ ନୋଟିସ ବୋର୍ଡ଼ରେ ଲଗାଇବା ପାଇଁ ବିଧିବ୍ୟବସ୍ଥା ଥିବାବେଳେ ତାକୁ ଏଠାରେ ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗ ହୋଇଛି । ଏଥିପାଇଁ ବିଜ୍ଞାପନ ଦିଆଯାଇନାହିଁ । ଅନ୍ୟପଟେ ସର୍ବସାଧାରଣଙ୍କୁ ସେ ସମ୍ପର୍କରେ ଅନ୍ଧାରରେ ରଖି ଭିତିରିଆ କାରବାର କରି ଏଥିରେ ନିଯୁକ୍ତି ଦେବା ପାଇଁ ଉଦ୍ୟମ ଚାଲିଥିବା ଯୁବକମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସୁଦାମ ସାହୁ, ତପସ୍ୟା ସାହୁ, ଗୀତାଞ୍ଜଳି ସାହୁ, ସଞ୍ଜୟ ସାହୁ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ସଂକ୍ଷେପରେ



### ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ

ସେରଗଡ଼,୧୯।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗତ ୧୭ ତାରିଖରୁ ଭଗବତ ଜ୍ଞାନଯଜ୍ଞ ଆରମ୍ଭ ହୋଇଯାଇଛି । ଏଠାରେ ପ୍ରବଚକ ଆଶିର୍ବାଦଜୀ ମହାରାଜ ପ୍ରତ୍ୟହ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ ମହାତ୍ମ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ ବୃତ୍ତାନ୍ତ ଓ ବିଭିନ୍ନ ଚରିତ୍ର ଉପରେ ଚରିତ୍ର ପ୍ରଦାନ କରୁଛନ୍ତି । ରୁପ୍ରାରୋଡ ଶ୍ରୀ ଜଗନ୍ନାଥ ମନ୍ଦିର କମିଟି ସାଧୁରାମ ଅଗ୍ରୱାଲ ଓ ପ୍ରଦୀପ ଅଗ୍ରୱାଲ ସତ୍ୟନାରାୟଣ ଜୈନ ଓ ସୁବାସ ଅଗ୍ରୱାଲଙ୍କ ଆୟୋଜନରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ଯଜମାନ ରୂପେ ରାଜେଶ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ଯୋଗଦେଇଥିବା ବେଳେ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହେଉଛି। ଉକ୍ତ ନାମଯଜ୍ଞ ଆସନ୍ତା ୨୩ ତାରିଖ ସୁଦାମ ଚରିତ ଓ ଅନ୍ତିମ ଉପଦେଶ ପରେ ୨୪ ତାରିଖରେ ହବନ ସହ ପୂର୍ଣ୍ଣାହୁତ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି ।

### ବିଚିତ୍ର ବେଶ ପ୍ରତିଯୋଗିତା

ଭବାନୀପାଟଣା,୧୯।୧୧(ଡି.ଏନ.ଏ.) ଭବାନୀପାଟଣା ସହର ହିଲଟାଉନଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲର ଅଷ୍ଟମ ବିଚିତ୍ର ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଷ୍ଟାଣ୍ଡାର୍ଡ ୧ରୁ ଷ୍ଟାଣ୍ଡାର୍ଡ ୫ ପର୍ଯ୍ୟନ୍ତ ୮୮ ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଶୁଭ୍ରଜିତ ପ୍ରଧାନ ଜାଭିୟର ପ୍ରିନ୍ସ ଓ ରେଣୁକା ଜୁଆଡ ଜାଭିୟର ପ୍ରିନ୍ସେସ୍ ଭାବେ ପୁରସ୍କୃତ ହୋଇଥିଲେ । ସ୍କୁଲ ଅଧ୍ୟକ୍ଷ ତୁଷାର କାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାରଳା ଜେଏନ୍ଏମ୍‌ର ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ଏବଂ ପ୍ରଶାସକ ନାରାୟଣ ପରିଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ବୋଲେରୋ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

କେସିଙ୍ଗା,୧୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପଷ୍ଟିଗୁଡି ଗ୍ରାମରେ ସୋମବାର ସକାଳ ୫ଟାରେ ବୋଲେରୋ ଧକ୍କାରେ ଜଣକଙ୍କ ମୃତ୍ୟୁ ଘଟିଥିବା ଆଉ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଏଥିରେ ପ୍ରମୋଦିନୀ ବିଶି (୨୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ପଦ୍ମିନୀ ବିଶି (୨୫) ଆହତ ହୋଇଛନ୍ତି।

ପ୍ରମୋଦିନୀ ଓ ପଦ୍ମିନୀ ପ୍ରାତ ଭ୍ରମଣ କରୁଥିବା ସମୟରେ କେସିଙ୍ଗାରୁ ଭବାନୀପାଟଣା ଆଡକୁ ଯାଉଥିବା ଏକ ଅଜଣା ବୋଲେରୋ ତାଙ୍କୁ ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ କେତେକ ଗ୍ରାମବାସୀ ପଦ୍ମିନୀ ଓ ପ୍ରମୋଦିନୀଙ୍କୁ ଉଦ୍ଧାର କରି ନିକଟସ୍ଥ ପଷ୍ଟିକୁଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ. ଅଭିନାଷ ପ୍ରଧାନ ପ୍ରମୋଦିନୀଙ୍କ ଅବସ୍ଥା ଗୁରୁତର ଥିବାରୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଭବାନୀପାଟଣା ପହଞ୍ଚିବା ପରେ ପ୍ରମୋଦିନୀଙ୍କୁ ଡାକ୍ତର ମୃତ ଘୋଷଣା କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏହି ଖବର ପାଇ ପଷ୍ଟିକୁଡି ଜନସାଧାରଣ ଉତ୍ତ୍ୟକ୍ତ ହୋଇ ଏନଏଚ- ୨୬ ଅବରୋଧ କରି ନିଆଁ ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତା ଅବରୋଧର ପ୍ରାୟ ଏକ ଘଣ୍ଟା ପରେ ସଦର ପୋଲିସ ଅଧିକାରୀ ପ୍ରଦୀପ କୁମାର ଧରୁଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପରେ ଅତିରିକ୍ତ ତହସିଲଦାର ସର୍ବେଶ୍ୱର ଜାଲ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ରାସ୍ତା ଅବରୋଧ ହଟିଥିଲା ।


ଉତ୍ତ୍ୟକ୍ତ ଲୋକେ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି ।

## ଦାଦନ ଚାଲାଣ ସମ୍ପର୍କିତ କର୍ମଶାଳା

ଭବାନୀପାଟଣା,୧୯।୧୧(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ଜିଲା ଯୋଜନା କାର୍ଯ୍ୟାଳୟଠାରେ ପ୍ରବାସୀ ଶ୍ରମିକମାନଙ୍କ ନିମନ୍ତେ ପଶ୍ଚିମ ଓଡିଶାର ୬ଟି ଜିଲା ପ୍ରତିନିଧିମାନଙ୍କ ଏକ ଆଞ୍ଚଳିକ ପରାମର୍ଶ କର୍ମଶାଳା ଶିନାବର ଅନୁଷ୍ଠିତ ହୋଇଯାଇଛି । ଏଡଏଟ ଆକ୍ସନ ଓ କର୍ତ୍ତବ୍ୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କର୍ତ୍ତବ୍ୟ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏଡଏଟ ଆକ୍ସନ ନିର୍ଦ୍ଦେଶକ ଉମି ଡାନିଏଲ, ଅଜୟ ମିଶ୍ର, ବଲାଙ୍ଗୀର ସିଡବ୍ଲ୍ୟୁସି ସଦସ୍ୟା ପ୍ରମୁଖ ଯୋଗଦେଇ ଦାଦାନଙ୍କ ବିଭିନ୍ନ ସମସ୍ୟା ଉପରେ ଉଦ୍‌ବୋଧନ ଦେଇଥିଲେ । ଶ୍ରମ ପାଇଁ ଦାଦନ ହେଉଥିବା ପରିବାରର ୮୪ ପ୍ରତିଶତ ଛାତ୍ରୀଛାତ୍ର ବିଦ୍ୟାଳୟ ଯାଉନାହାନ୍ତି । ଋଣ, ଅଭାବଗ୍ରସ୍ତ ଏବଂ ମରୁଡି ଯୋଗୁ ଦାଦନ ସମସ୍ୟା ଦେଖାଯଉଛି ବୋଲି ଉଦବେଗ ପ୍ରକାଶ ପାଇଥିଲା । ଯେଉଁ ରାଜ୍ୟକୁ ଦାଦନ ଯାଉଛନ୍ତି, ସେହି ସରକାର ସେ ରାଜ୍ୟ ସହିତ ଏକ ଏମଓୟୁ ସ୍ୱାକ୍ଷର କରି ଶିଶୁ ସୁରକ୍ଷା ଅଧିକାର ଉଲ୍ଲଂଘନ ନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏଥିରେ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାଏକ, ଫାରର ଆରାଧନା ନନ୍ଦ, ଅନ୍ତୋଦୟର ଦିଲୀପ ଦାସ, ମହମ୍ମଦ ଅସଲମ, ସୁଧୀର ମିଶ୍ର, ପ୍ରକାଶ ବେବର୍ତ୍ତା ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି ଅବସରରେ ଆଇନଜୀବୀ ଧୀରେନ୍ଦ୍ର ନାଥ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ସନ୍ତୋଷ ଦାସ, ସମ୍ପଦ ଦାସ, ଦୀପ୍ତି ବାରିକ ଓ ମାର୍କଣ୍ଡ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦାଦନ ଚାଲାଣ ସମ୍ପର୍କିତ କର୍ମଶାଳାରେ ଜଣେ ଆଇନଜୀବୀଙ୍କୁ ସମ୍ମାନିତ କରାଯାଉଛି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଜୁନାଗଡ,୧୯।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ଚମେଲି ଦେବୀ ମହିଳା କଲେଜରେ ସୋମବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଉକ୍ତ ଶିବିରରେ ଯୁକ୍ତ ଦୁଇର ୧୩୦ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା କୌଶଳ ତାଲିମ ଦିଆଯିବ । ଉଦଘାଟନରେ ଜୁନାଗଡ ପ୍ରିୟ ଦର୍ଶିନୀ ଇନ୍ଦିରା କଲେଜ ଅଧ୍ୟକ୍ଷ ଅଧ୍ୟାପକ ବିଭୁତି ଭୂଷଣ ମେହେର ଶିବିର ଉଦଘାଟନ କରିଥିଲେ। ଚମେଲି ଦେବୀ ମହିଳା କଲେଜ ଅଧ୍ୟକ୍ଷା ଅଧ୍ୟାପିକା ପ୍ରିୟମଞ୍ଜରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଆତ୍ମସୁରକ୍ଷା ପ୍ରଶିକ୍ଷିକା ସ୍ମୃତିମୟୀ ପଟ୍ଟନାୟକ, ଲିପିକା ପଟେଲ, ଅଧ୍ୟାପିକା ନଳିନୀପ୍ରଭା ମହାନ୍ତି, ସସ୍ମିତା ମୁଣ୍ଡ, ପ୍ରଶାଧିନୀ ପାଢୀ, ସଞ୍ଜିବ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀମାନେ ନିଜର ସୁରକ୍ଷା କରିବାରେ ଏହି ପ୍ରଶିକ୍ଷଣ ଶିବିର ସହାୟକ ହେବ ବୋଲି କହିଥିଲେ। ଉପସ୍ଥିତ ବୁଦ୍ଧି ଥିଲେ ଜଣେ ପାରିପାର୍ଶ୍ୱିକ ପରିସ୍ଥିତିରେ ମଧ୍ୟ ନିଜ ସୁରକ୍ଷା ପାଇଁ ନିଜର ଅସ୍ତ୍ର ତିଆରି କରି ଶତ୍ରୁ କବଳରୁ ମୁକୁଳି ପାରିବ ବୋଲି ଦୁଇ ପ୍ରଶିକ୍ଷକ କହିଥିଲେ। ଅଧ୍ୟାପକ ବିଶ୍ୱପତି ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ଶିବିର ସଂଯୋଜକ ଖେଳ ଅଧ୍ୟାପକ ଦୁର୍ଗା ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଶିବିର ପ୍ରତ୍ୟେକ ଦିନ ଏକ ଘଣ୍ଟା ତାଲିମ ଦିଆଯିବା ସହିତ ଏହା ଆସନ୍ତା ୭ ତାରିଖ ଯାଏ ଚାଲିବ।

## ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

ଭବାନୀପାଟଣା,୧୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଖଲିଆଭଟା ଓ ଧନ୍‌ସୁଲି ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧନ୍‌ସୁଲି ଓ ଖଲିଆଭଟା ଗ୍ରାମରେ ଜୟପାଟଣା ବ୍ଲକ ଅଧକ୍ଷା ନୌକେଶୀ ରାଉତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶର୍ଯ୍ୟା ସାମନ୍ତ ରାଏ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ସ୍ଥାନୀୟ ସରପଞ୍ଚ ମାଳତି ସୁନାନି, ସାଗରିକା ବେହେରା, ଜିଲା ଜଳ ଓ ପରିମଳ ମିଶନ ପରାମର୍ଶଦାତା ତପନ କୁମାର ବେହେରା, ଯନ୍ତ୍ରୀ କିରଣ ଦୋରା, ନିହାର ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତାର ଆବଶ୍ୟକତା, ପଞ୍ଚାୟତକୁ ଖୋଲା ମଳତ୍ୟାଗରୁ ମୁକ୍ତ କରିବା, କ୍ଲଷ୍ଟର ଓ ଗୋଷ୍ଠୀ ଭିତ୍ତିକ ପାଇଖାନା ନିର୍ମାଣ ଓ ତାହାର ବ୍ୟବହାରକୁ ସୁନିଶ୍ଚିତ କରିବା, ଅଚଳ ଓ ଅବ୍ୟବହୃତ ଶୌଚାଳୟଗୁଡିକୁ କାର୍ଯ୍ୟକ୍ଷମ କରିବା, ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇ ସ୍ୱଚ୍ଛତା ଦିଗରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଧନଶୁଳୀ ଜନସେବା କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ଯୁବକଯୁବତୀମାନେ ଦୀନଦୟାଲ ଗ୍ରାମୀଣ କୌଶଳ ଯୋଜନାର ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ସାମିଲ ହୋଇ ରୋଜଗାରକ୍ଷମ ହେବା ପାଇଁ ଓର୍‌ମାସ୍ ଜିଲା ସଂଯୋଜକ ଆଶିଷ ମିଶ୍ର ସୂଚନା ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ପ୍ରଶ୍ନଉତ୍ତର ସହିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ୨୦ ଜଣ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ଜନସମ୍ପର୍କ ବ୍ୟୁରୋର ଅଧିକାରୀ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ।

## ଖେଳକୁଦ ସମାରୋହ ଉଦ୍‌ଯାପିତ

ଭବାନୀପାଟଣା,୧୯।୧୧(ଡି.ଏନ.ଏ.)

ସ୍ଥାନୀୟ ବାଲାଜୀ ବିହାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଖେଳକୁଦ ସମାରୋହ ଗତ ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ଭବାନୀପାଟଣାସ୍ଥିତ ଡିଆଇଇଟି ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଗତ ଶୁକ୍ରବାର ସକାଳ ୭.୩୦ ମିନିଟ୍ ସମୟରେ ସ୍ଥାନୀୟ ବ୍ରଜ ମୋହନ ହାଇସ୍କୁଲର କ୍ରୀଡାଶିକ୍ଷକ ମୁରଲୀ ଦୀପ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ୨ ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶନିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ରନ୍‌ଜୀ ଟ୍ରଫି ଖେଳାଳି ଭାରତ ଭୂଷଣ ଦେଓ ମୁଖ୍ୟଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିବା ସହ ଶିକ୍ଷା ଲାଭ ସାଙ୍ଗରେ ଶାରୀରିକ ସୁସ୍ଥତା ନିମନ୍ତେ କ୍ରୀଡାର ଆବଶ୍ୟକତା ବୋଲି ପରାମର୍ଶ ଦେଇଥିଲେ ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବୁଦ୍ଧ ନାଏକ, ଉପାଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ରଘୁରାଜ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅଶୋକ ସିଂହ ଶାରୀରିକ ଶିକ୍ଷକ ହରିଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତଥିଲେ । ଏହି କ୍ରୀଡା ସମାରୋହର ସମସ୍ତ କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ, ଗୁରୁମା ଓ ଅନ୍ୟାନ୍ୟା କର୍ମଚାରୀମାନେ ପରିଚାଳନା କରିଥିଲେ।


ବାଲାଜୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଖେଳକୁଦରେ କୃତୀ ଖେଳାଳି ।

ଶିକ୍ଷା ବଛର ଅଧା ହେଲା ୟୁନିଫର୍ମ ପାଏବାରୁ ବଁଚିତ୍ ଛାତ୍ରୀଛାତ୍ର

## ରଂଗ୍‌ବେରଂଗ୍ ପେଁଟ୍‌କୁର୍‌ତାରେ ସ୍କୁଲ୍ ଆସୁଛନ୍ ଛାତ୍ରୀଛାତ୍ର

ଜୁନାଗଡ,୧୯।୧୧(ଡି.ଏନ୍.ଏ)

ରାଏଜ୍ ସରକାର ଛାତ୍ରୀଛାତ୍ରଙ୍କୁଁ ପାଠ୍‌ପଢ଼ାରେ ମନ୍‌ଲାଗବା ବଲି ଫିବଛର ମାହାଲି ୨ ହଲ ୟୁନିଫର୍ମ ଦେଉଛନ୍। ହେଲେ ଚଲ୍‌ତି ବଛର କଳାହାଣ୍ଡି ଜିଲାରେ ୟୁନିଫର୍ମ ବଁଟା ବିଲମ୍ ହେଇଛେ। ଏହେଦ୍‌କା ଶିକ୍ଷା ବଛର୍‌ଟା ଅଧା ସରିଯାଇଥିଲେ ବି ଛାତ୍ରୀଛାତ୍ର ୟୁନିଫର୍ମ ପାଏବାରୁ ବଁଚିତ୍ ହେଇଛନ୍। ଯେନ୍‌ଥିରଲାଗି ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଅସନ୍‌ତୋଷ ଦେଖାଦେଇଛେ। ଇଆଡେ ଛାତ୍ରୀଛାତ୍ର ୟୁନିଫର୍ମ ନାଇଁ ପାଏଲାରୁ ଜାତିର ଜାତିର ପେଁଟ୍‌କୁର୍‌ତା ପିଁଧି ସ୍କୁଲ ଆସୁଥିବାର ଦେଖିବାକେ ମିଳିଛେ। ରାଏଜ୍ ସରକାର ଚଲ୍‌ତି ବଛର ଛାତ୍ରୀଛାତ୍ରଙ୍କୁଁ ମାହାଲିଆ ୨ ହଲ୍ ୟୁନିଫର୍ମ ସଂଗେ ଜୁତା ବି ଦିଆଯିବା ବଲି ଘୋଷ୍‌ନା କରିଥିଲେ। ହେଲେ ଶିକ୍ଷା ବଛର ଅଧା ସରିଯାଇଥିଲେ ବି ଆଏଜ୍‌ତକ୍ ଛାତ୍ରୀଛାତ୍ରଙ୍କୁଁ ଇ ସବୁ ନାଇଁ ମିଳିପାରି। ସେନ୍‌ତା ୟୁନିଫର୍ମ କେଭେ ବଁଟା ହେବା ଆର୍ ଛାତ୍ରୀଛାତ୍ର କେଭେ ପିଁଧିବେ ସେଟାକେ ନେଇ ଅଭିଭାବକ ମହଲରେ ଅସନ୍‌ତୋଷ ଦେଖାଦେଇଛେ। ଶିକ୍ଷା ବଛର ଆରମ୍‌ରୁ ଛାତ୍ରୀଛାତ୍ରଙ୍କୁଁ ୟୁନିଫର୍ମ ଦିଆଗଲେ ସେଟା କାମେ ଲାଗ୍‌ତା ବଲି ସାଧାରନ୍‌ରେ ମତ୍ ପର୍‌କାଶ ପାଇଛେ। ଇ ବାବ୍‌ଦେ ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି) ଗବାକ୍ଷ ନାଏକକୁଁ ପଚରାଲାରୁ ୟୁନିଫର୍ମ ଆର୍ ଜୁତା ଲାଗି ଉପ୍‌ରୁ କମ୍ ଟଁକା ଆସିଥିଲା। ଉଚ ଅଧିକାରୀଙ୍କୁ ଅଧିକା ଟଁକା ଦେବାର ଲାଗି କହିଛୁଁ। ଇ ହପ୍‌ତେ ଭିତ୍‌ରେ ସମସିଆର ସମାଧାନ ହେଇଯିବା ବଲି ସେ କହିଥିଲେ।

# ନବଜାତ ଶିଶୁଯତ୍ନ ସପ୍ତାହ ପାଳିତ



ନବଜାତ ଶିଶୁଯତ୍ନ ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଭବାନୀପାଟଣା,୧୯।୧୧(ଡି.ଏନ.ଏ.)

ଦେଶରେ ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନବଜାତ ଶିଶୁଯତ୍ନ ସପ୍ତାହ ପାଳିତ ହେଉଛି। ଏହି କ୍ରମରେ କଳାହାଣ୍ଡି ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ଥିବା ଡାକ୍ତରଖାନାଗୁଡ଼ିକରେ ଏହି ସପ୍ତାହ ଗତ ୧୫ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଥିବା ସଭାଗୃହରେ ଜିଲାସ୍ତରୀୟ ନବଜାତ ଶିଶୁଯତ୍ନ ସପ୍ତାହ -୨୦୧୮ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ତିଆଡି ଯୋଗଦେଇଥିବା ବେଳେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏଫ୍.ଡବ୍ଲ୍ୟୁ ଡ.ଅଶୋକ କୁମାର ଦାଶ, ଏ.ଡ଼ି.ଏମ୍.ଓ./ଭିବିଡ଼ି ଡ.ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଏପିଡେମିଲୋଜିଷ୍ଟ ଡ.ସୁଶୀଲ ଚନ୍ଦ୍ର ରଥ, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳକ ଅବନୀ ରଞ୍ଜନ ମହାପାତ୍ର, ଜିଲା ଲେପ୍ରୋସି ପରିଚାଳକ ଡ.ରବୀନ୍ଦ୍ର ପାଣିଗ୍ରାହୀ, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଖଗେନ୍ଦ୍ର ମାଝି ପ୍ରମୁଖଙ୍କ ସହ ଆଇସିଡିଏସ୍ ସୁପରଭାଇଜ ସନ୍ଧ୍ୟାରାଣି ନାଏକ, ସୁପରଭାଇଜର ସୁଷମା ମିଶ୍ର ଓ ଜିଏନ୍ଏମ୍‌ର ଟ୍ୟୁଟର୍ ସସ୍ମିତା ପ୍ରଧାନ ଉପସ୍ଥିତ ରହି ଶିଶୁଯତ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ନବଜାତ ଶିଶୁଯତ୍ନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ରାଲି ସହର ପରିକ୍ରମା କରିଥିଲେ। ଏହି ରାଲିରେ ବିଭିନ୍ନ ଏନ୍‌ଜିଓ, ସଚେତନ ଜନସାଧାରଣ, ଭବାନୀପାଟଣାଠାରେ ଥିବା ସରକାରୀ ଏଏନ୍ଏମ୍ ଟ୍ରେନିଂ କେନ୍ଦ୍ର ଛାତ୍ରୀ, ଜିଏନ୍ଏମ୍ ଟ୍ରେନିଂ କେନ୍ଦ୍ର କାମଠଣା ଓ ଶାରଳା ଜିଏନ୍ଏମ୍ ଟ୍ରେନିଂ କେନ୍ଦ୍ରର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସେହିପରି ନବଶିଶୁମାନଙ୍କ ଯତ୍ନ ସଚେତନତା ସୃଷ୍ଟି କରିବା ନିମନ୍ତେ ଏଏନ୍ଏମ୍ ଓ ଜିଏନ୍ଏମ୍ ଛାତ୍ରୀମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ଦୁଇଟି ବିଭାଗରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ବରିଷ୍ଠ ବିଭାଗରେ କାମଠଣା ଜିଏନ୍ଏମ୍ ଟ୍ରେନିଂ କେନ୍ଦ୍ରର ଛାତ୍ରୀ ତେଜେଶ୍ୱରୀ ମହାନ୍ତି ପ୍ରଥମ ସ୍ଥାନ ଅଧିକାରୀ କରିଥିବା ବେଳେ ଉକ୍ତ କେନ୍ଦ୍ରର ସୁମିତ୍ରା ବେହେରା ଓ ଶାରଳା ଜିଏନ୍ଏମ୍ କେନ୍ଦ୍ର ଛାତ୍ରୀ ସୁକନ୍ୟା ଅର୍ଚ୍ଚନା ସାହୁ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଓ କାମଠଣା କେନ୍ଦ୍ରର ଶୁଭସ୍ମିତା ବେହୁରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ଜୁନିୟର୍ ବିଭାଗରେ ଏଏନ୍ଏମ୍ ଟ୍ରେନିଂ କେନ୍ଦ୍ର ଭବାନୀପାଟଣା ବର୍ଷା ମୌସୁମୀ ଦାସ, ଝରଣା ସାହୁ ଓ ପଲ୍ଲବୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ମଧ୍ୟରେ ଜୁନିୟର୍ ବିଭାଗ ବେବି ଶୋ ଓ ଏକ ବର୍ଷରୁ ତିନି ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ମଧ୍ୟରେ ସିନିୟର୍ ବିଭାଗ ବେବି ଶୋ ଅନୁଷ୍ଠିତ ହୋଇଥିଲା। ଜୁନିୟର୍ ବିଭାଗରେ ବିହନ କୁମାର ବେହେରା, ଅନନ୍ୟା ସେଠ୍ ଓ ସନ୍‌ଭି ଅଗ୍ରୱାଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ବେଳେ ସିନିୟର୍ ବିଭାଗରେ ସମ୍ପିତ ସେଠୀ ପ୍ରଥମ, ଶ୍ରୀଜଲ ପ୍ରଧାନ ଦ୍ୱିତୀୟ ଓ ସୁଦୀକ୍ଷା ସାହୁ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

## ପ୍ରଥମ ଫ୍ଲଡ୍ ଲାଇଟ୍ କ୍ରିକେଟ କପ୍ ଉଦ୍‌ଘାଟିତ

ଭବାନୀପାଟଣା,୧୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରଥମ ପାଇଁ ଫ୍ଲଡ୍ ଲାଇଟ୍ କ୍ରିକେଟ ପ୍ରତିଯୋଗିତା କଳାହାଣ୍ଡି କପ୍-୨୦୧୮ ଗତ ରବିବାର ଉଦ୍‌ଘାଟିତ ହୋଇଯାଇଛି। ରାତି କ୍ରିକେଟର ପ୍ରଥମ ମ୍ୟାଚ୍ କଳାହାଣ୍ଡି ଟାଇଗର ଓ ନାଇଟ ରାଇଡର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ପ୍ରଥମେ କଳାହାଣ୍ଡି ଟାଇଗର ନିର୍ଦ୍ଧାରିତ ୧୨ ଓଭରରେ ୧୨୪ ରନ ସଂଗ୍ରହ କରିଥିଲା । ଜବାବରେ ନାଇଟ ରାଇଡର ଦଳ ମାତ୍ର ୫୩ ରନ୍ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା । କଳାହାଣ୍ଡି ଟାଇଗର ୭୦ ରନ୍‌ରେ ବିଜୟୀ ହୋଇଥିଲା। ମାତ୍ର ୩୩ ବଲ୍‌ରେ ୫୯ ରନ ସଂଗ୍ରହ କରିଥିବା କଳାହାଣ୍ଡି ଟାଇଗର ଦଳର ଅନିଲ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍ ଚ୍ୟାମ୍ପସ ଏକାଦଶ ଏବଂ ରାଇଜିଂ ଷ୍ଟାର ଗୋଲାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଚ୍ୟାମ୍ପସ୍ ଏକାଦଶ ଟସ୍ ଜିଣି ଫିଲ୍ଡିଂ କରିଥିଲା । ଗୋଲାମୁଣ୍ଡା ରାଇଜିଂ ଷ୍ଟାର ଦଳ ୧୨ ଓଭରରେ ୯୮ ରନ୍ ଜବାବରେ ଚ୍ୟାମ୍ପସ୍ ଦଳ ମାତ୍ର ୯ ଓଭରରେ ଏହି ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହି ମ୍ୟାଚ୍‌ରେ ଚ୍ୟାମ୍ପସ ଦଳର ଆୟୁଷ ପ୍ରସାଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥଲା । ସେ ମାତ୍ର ୧୫ ବଲ୍‌ରେ ୨୯ ରନ୍ ସଂଗ୍ରହ କରି ଦଳକୁ ବିଜୟୀ କରିଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଜିଲା ଆଥେଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ରନଜୀ ଖେଳାଳି ଭାରତ ଭୂଷଣ ସିଂହଦେଓ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ସୁରେନ୍ଦ୍ର ତ୍ରିପାଠୀ, ସୁନିଲ ବେହେରା, ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



ଜଣେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୨୦/୨୦୧୮



ବୁଲେଟଠାରୁ ଭୋଟ୍‌ର ବଳ ଅଧିକ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ୭ ଗିରଫ

**ରାଜଗାଙ୍ଗପୁର, ୧୯।୧୧ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବାବେଳେ ୬ଜଣଙ୍କୁ ଏବଂ ଖଜୁରୀ ରସ ବିକ୍ରି କରୁଥିବା ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ କର୍ମଚାରୀ ୧୦୪ ଲିଟର ଦେଶୀ ମଦ ଓ ୧୨୫ ଲିଟର ଖଜୁରୀ ରସ ଜବତ କରି ସମୁଦାୟ ୭ଜଣଙ୍କୁ କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ରାଜଗାଙ୍ଗପୁରର ରାଣୀବନ୍ଧର ଫୁଲମନି ହେମରମ, ରାଜଗାଙ୍ଗପୁର ବାରୁପଡାର ବୁଧବାରି ଲାକ୍ରା, ମଙ୍ଗଲୁ ମଣ୍ଡଲ, ଅଲଣ୍ଡାରୁ ରଜତ ଦାସ, ପାନପୋଷରୁ ରାଇ ଖାଖା, କୁତ୍ରା ଲିଟିବେଡାରୁ କାନ୍ଦ୍ରା ଲାକ୍ରା ଓ କୁତ୍ରାରେ ଖଜୁରୀ ରସ ବିକ୍ରି କରୁଥିବା ଚନ୍ଦ୍ରଶେଖର ଭଗତ। ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଇନ୍ଦ୍ରଜିତ ସାହୁ, ଏସଆଇ ରମଜୀ ପଟେଲ, ଏଏସଆଇ ରବୀନ୍ଦ୍ର ପ୍ରଧାନ, ଅଶୋକ କୁମାର ପଟେଲ, କନଷ୍ଟେବଲ ଶ୍ରୀନିବାସ ବିଶୋଇ, ଚନ୍ଦ୍ରଶେଖର ଖଣ୍ଡା, ମିତ୍ରଭାନୁ ବଡାଇକ, ସୁଶାନ୍ତ ପଟେଲ, ସୂର୍ଯ୍ୟକାନ୍ତ ସ୍ୱାଇଁ, ସଞ୍ଜୟ କୁମାର ଅମାତ, ମହିଳା କନଷ୍ଟେବଲ ସାବିତ୍ରୀ ଦେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




### ସୁନ୍ଦରଗଡ ବଜାରରେ ହିରୋର ଡେଷ୍ଟିନ୍-୧୨୫ ସ୍କୁଟରର ପ୍ରବେଶ

**ସୁନ୍ଦରଗଡ, ୧୯।୧୧ (ଡି.ଏନ.ଏ)** -ହିରୋ କମ୍ପାନୀର ସ୍କୁଟର ବର୍ଗରେ ଡେଷ୍ଟିନ୍ ୧୨୫ସିସି ସୁନ୍ଦରଗଡ ବଜାରରେ ପ୍ରବେଶ କରିଛି। ସୁନ୍ଦରଗଡ ବାଇପାସ ସ୍ଥିତ ରୋବୋଟେକ ହିରୋ ସୋରୁମରେ ଏହି ନୂତନ ମଡେଲର ସ୍କୁଟର୍ସବର୍ଗର ବିକ୍ରୟର ଶୁଭାରମ୍ଭ ହୋଇଛି। ଏହାର ବିକ୍ରୟ ଉତ୍ସବ ଶୁଭାରମ୍ଭ ଅବସରରେ ଶାଖା ପରିଚାଳକ ବିଶ୍ୱନାଥ ପାଣ୍ଡେ ଏହି ବାଇକ୍‌ର ଆକର୍ଷଣୀୟ ଷ୍ଟାଇଲ ଏବଂ ପାୱାର ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ଗ୍ରାହକଙ୍କୁ ଆକର୍ଷିତ କରିବ ବୋଲି ଆଶାପ୍ରକାଶ କରିଥିଲେ।

### ବଡଗାଁ ଗୁଳିକାଣ୍ଡ ଘଟଣାରେ ଦୁର୍ଦ୍ଦାନ୍ତ ଅପରାଧୀ ସମ୍ପୃକ୍ତ

**ବଡ଼ଗାଁ, ୧୯।୧୧ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ବଡ଼ଗାଁ ଚଳନାମୁଣ୍ଡା ପଡାରେ ନିରନ ଡନସନା (୪୫)ଙ୍କୁ ଗୁଳିମାଡ ଘଟଣାରେ ବାମରା ବ୍ଲକ ଅନ୍ତର୍ଗତ ଏକ ଗ୍ରାମର ଜଣେ ଦୁର୍ଦ୍ଦାନ୍ତ ଅପରାଧି ସମ୍ପୃକ୍ତ ଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ବାଇକରେ ୨ଜଣ ଯୁବକ ନିରନଙ୍କ ଘରକୁ ଆସିଥିଲେ। ସେମାନଙ୍କ ସହିତ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସମ୍ପୃକ୍ତ ଅପରାଧି ନିରନଙ୍କ ଗୋଡକୁ ଗୋଳି ମାଡ କରିଥିଲେ। ଏ ସମ୍ପର୍କରେ ପୋଲିସ ଅପରାଧିଙ୍କ ପରିଚୟ ଜଣାଇ ନ ଥିଲା ବେଳେ ଆହତ ନିରନ ଅପରାଧିଙ୍କ ନାଁ କହୁଛନ୍ତି। ପୋଲିସ ଅପରାଧିକୁ ଧରିବା ପାଇଁ ତନାଘନା ଚଳାଇଛି।



ଗୁଡିଆଲି ଗ୍ରାମର ମହିଳାମାନେ ରାସ୍ତାରୋକୋ ଆନ୍ଦୋଳନ କରିଛନ୍ତି।

■ ରାସ୍ତା ମରାମତି, ପାଣି ପକାଇବା ଦାବିରେ ମହିଳାଙ୍କ ଆନ୍ଦୋଳନ

# ରାସ୍ତା ପାଇଁ ରାସ୍ତାରୋକୋ

**ଲହୁଣୀପଡା, ୧୯।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଗୁଡିଆଲି ଗ୍ରାମର ମହିଳାମାନେ ରାସ୍ତା ମରାମତି ଓ ରାସ୍ତାରେ ପାଣି ପକାଇବା ଦାବିରେ ଆନ୍ଦୋଳନ କରିଥିଲେ। ସୋମବାର ସେମାନେ ରାସ୍ତା ଅବରୋଧ କରିଥିଲେ। ୧୪୩ ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡା ବାଇପାସଠାରୁ ଲହୁଣୀପଡା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଛି। ଫଳରେ ପ୍ରବଳ ଧୂଳି ଉଡି ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ଏହାର ପ୍ରତିବାଦ କରିଥିଲେ। ପାଣି ପକାଇବା ଲାଗି ଦାବି କରିଥିଲେ। ଦାବି ମୁତାବକ ପାଣି ପକାଯାଉଥିଲା। କିନ୍ତୁ ଗୁଡିଆଲି ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ କିଛି ରାସ୍ତା ମରାମତି ନ କରିବାରୁ ପ୍ରବଳ ଧୂଳି ଉଡୁଛି। ଲୋକମାନଙ୍କର ଘରେ ଧୂଳି ପଶିବା ସହିତ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଉକ୍ତ ରାସ୍ତାର ତୁରନ୍ତ ମରାମତି ଓ ପାଣି ପକାଇବା ଦାବିରେ ରାସ୍ତା ଅବରୋଧ କରାଯାଇଥିଲା। ଖବରପାଇ ଲହୁଣୀପଡା ଥାନା ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହିତ ତୁରନ୍ତ ମରାମତି କାର୍ଯ୍ୟ କରିବାର ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

■ ବଡେଇମୁଣ୍ଡା ଦେଇ ଭାରିଯାନ ଚଳାଚଳକୁ ବିରୋଧ

# ଆଞ୍ଚଳିକ ସମନ୍ୱୟ ସମିତିର ରିଲେ ଅନଶନ

**ଝାରସୁଗୁଡା ଅଫିସ,୧୯।୧୧**

ବଡେଇମୁଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତାରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ସୋମବାର ଆଞ୍ଚଳିକ ସମନ୍ୱୟ ସମିତି ତରଫରୁ ଦୁଇଦିନିଆ ରିଲେ ଅନଶନ ଆରମ୍ଭ ହୋଇଛି। ଏହି ପ୍ରତିବାଦ ସଭାରେ ସହରାଞ୍ଚଳ ଏବଂ ଜନବସତି ଦେଇ ଭାରୀଯାନ ଚଳାଚଳକୁ ବିରୋଧ କରାଯାଇଛି। ବିଶେଷ କରି ବଡେଇମୁଣ୍ଡା ରୋଡରେ କୋଇଲା, ଆସ୍, କଞ୍ଚାମାଲ ବୋଝେଇ ଭାରିଯାନ ଚଳାଚଳ ବନ୍ଦ କରିବା, ଭାରିଯାନ ଚଳାଚଳ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବା, ପୂର୍ଣ୍ଣା ଠାରୁ ଜିଲାପାଳଙ୍କ ଅଫିସ ଯାଏଁ ୧୬ଟି ଶିକ୍ଷାନୁଷ୍ଠାନ ରହିଥିବାରୁ ଭାରିଯାନ ଚଳାଚଳ ପାଇଁ ବିକଳ୍ପ ବାଇପାସ ନିର୍ମାଣ କରିବାକୁ ଦାବି କରାଯାଇଛି। ଦୀର୍ଘ ବର୍ଷର ଶିଳ୍ପ ସ୍ଥାପନ ପରେ ଶିଳ୍ପସଂସ୍ଥାର ମୁନାଫା ବୃଦ୍ଧି ପାଇଥିବା ବେଳେ ସେମାନେ ନିଜ ପାଇଁ ବିକଳ୍ପ ରାସ୍ତା ନିର୍ମାଣ କରିବାକୁ ଦାବି ଉଠିଛି। ତେଣୁ ବାଲିଯୋରୀ ଏବଂ ବଡେଇମୁଣ୍ଡା ଦେଇ ଯାତାୟାତ କରୁଥିବା ସମସ୍ତ ଭାରିଯାନ ଚଳାଚଳ ରୋକିବାକୁ ଦାବି ଉଠିଛି। ଶ୍ରମିକ ନେତା ରତ୍ନାକର ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଭାକର ଓରାମ ସମ୍ପାଦନା କରିଥିଲେ। ଏହି ଅନଶନକୁ ୧୨ଟି ସାମାଜିକ ସଙ୍ଗଠନ ସମର୍ଥନ ଜଣାଇଥିଲେ। ଅନଶନରେ ବିରଜୁ ପ୍ରଧାନ, ବୈକୁଣ୍ଠ ଧୁରୁଆ, ତ୍ରିଲୋଚନ ଡନସେନା, ଶିବ ମେହେର, ରାଜ କୁମାରୀ ପଟ୍ଟନାୟକ, ରଜନୀ ପ୍ରଧାନ, ଅଜିତ ମାଝି, ବିଜଲି ପୋଢ, ତପେଶ୍ୱରୀ ପ୍ରଧାନ, ବାସୁଦେବ ପ୍ରଧାନ, ରିଣ୍ଟୁ ସୁତାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ନେଇ କିଛିଦିନ ପୂର୍ବରୁ ବଡେଇମୁଣ୍ଡା ଆଞ୍ଚଳିକ ସୁରକ୍ଷା ସମିତି ସୃଷ୍ଟି ହୋଇଛି। ତେଣୁ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଆଶା କରାଯାଉଛି।

## ବୋଲବମ୍ ସେବା ସଂଘ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଲହୁଣୀପଡା, ୧୯।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ସ୍ଥିତ ବୋଲବମ୍ ସେବା ସଂଘ ପକ୍ଷରୁ ରବିବାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁଜିତ ମହାପାତ୍ର, ଧିରେନ ମାହାନ୍ତ ଯୋଗଦେଇଥିଲେ। ବୋଲବମ ସେବା ସଂଘ ସମ୍ପାଦକ ପପୁଜିତ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ରମେଶ କର ଅଧ୍ୟକ୍ଷତା କରିଥିଲେ। ବୋଲବମ ସେବା ସଂଘ ବିଭିନ୍ନ ସମୟରେ ବିଭିନ୍ନ ଜନହିତକର କାର୍ଯ୍ୟକରି ଆସୁଛି। ଏହି ଜନସଚେତନ କାର୍ଯ୍ୟକ୍ରମ ହାତକୁ ନେଇ ଜନସାଧାରଣଙ୍କୁ ସଚେତନ କରିବା ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଥିଲେ। ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚାଷ ଅମଳ ସରିଲା ପରେ ଅସାମାଜିକ ଲୋକମାନେ ଜମିରେ ନିଆଁ ଲଗାଇ ଦେଇ ଜମିର ନଡା ଓ ପାଳକୁ ପୋଡି ଦେଇଥାନ୍ତି। ଯାହାକି ଜମିର ଉର୍ବରତା କମିବା ସହିତ ଜମିରେ ଥିବା ସରିସୃପ, ଔଷଧୀୟ ବୃକ୍ଷଗୁଡିକ ପୋଡି ନଷ୍ଟ ହୋଇଯାଇ ପରିବେଶରେ ଅନେକ କ୍ଷତି ଘଟିଥାଏ। ଗୃହପାଳିତ ପଶୁମାନେ ଖାଦ୍ୟରୁ ବଞ୍ଚିତ ହୋଇଥାନ୍ତି। ଏଣୁ ଏହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ବୋଲବମ୍ ସେବା ସଂଘ ଏହି ସଚେତନତା ସୃଷ୍ଟି କରିବା କାର୍ଯ୍ୟ ହାତକୁ ନେଇଛି। ସଚେତନତା ସୃଷ୍ଟି କରିବା ପାଇଁ ଏକ ବାଇକ ରାଲି କରାଯାଇଥିଲା। ଏହା ସହିତ ଡାକବାଜୀ ଯନ୍ତ୍ର ସାହାଯ୍ୟରେ ସଚେତନତା ସୃଷ୍ଟି ସହିତ ଲିଫଲେଟ ବଣ୍ଟନ କରାଯାଇଥିଲା। ଏହି ବାଇକ ରାଲି ଗ୍ରାମକୁ ଗ୍ରାମ ବୁଲି ସଚେତନ କରିଥିଲା। ଲିପୁ ପଟ୍ଟନାୟକ, ରାଜା ଜୟସ୍ୱାଲ, ସାଧନ ଧଳ, ରଣଜିତ ପତି, ଦିପୁ ତ୍ରିପାଠୀ, ମିଥୁନ ପଣ୍ଡା, ଗୋବିନ୍ଦ ବାରିକ, ଦିପୁ ପ୍ରଧାନ, ଗୋପାଳ ସାହୁ, ବିକ୍ରମ ସ୍ୱାଇଁ ପ୍ରମୁଖ ବୋଲବମ ସଂଘ କର୍ମକର୍ତ୍ତାମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା ସୃଷ୍ଟି କରାଯାଉଛି।

## ନେକ୍ସଜେନ୍ କପ କ୍ରିକେଟ: ପବ୍ଲିକ ସ୍କୁଲ, ଦୀପିକା ଇଂରାଜୀ ମିଡିୟମ ସ୍କୁଲ ବିଜୟୀ

**ସୁନ୍ଦରଗଡ, ୧୯।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ ଷ୍ଟାଡିୟମ ଠାରେ ଚାଲିଥିବା ଚତୁର୍ଥ ନେକ୍ସଜେନ୍ କପ୍ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ତୃତୀୟ ଓ ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ସୁନ୍ଦରଗଡ ପବ୍ଲିକ ସ୍କୁଲ ଓ ଉତ୍କଳମଣି ବିଦ୍ୟାଳୟ ବେଙ୍ଗାମୁଣ୍ଡାକୁ ଭେଟିଥିଲା। ଏଥିରେ ସୁନ୍ଦରଗଡ ପବ୍ଲିକ ବିଜୟୀ ହୋଇଛି। ଦଳପକ୍ଷରୁ ରାହୁଲ ରାଏ, କମଳ ସାହୁ ଓ ଅଂଶୁ ଶର୍ମା ପ୍ରତ୍ୟେକ ୩ଉଇକେଟ ନେଇଥିଲେ। ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ୍ କେନ୍ଦ୍ରୀୟ ବିଦ୍ୟାଳୟ ସୁନ୍ଦରଗଡ ଓ ରାଉରକେଲା ଦୀପିକା ଇରାଜୀ ମାଧ୍ୟମ ସ୍କୁଲକୁ ଭେଟିଥିଲା। ଏଥିରେ ଦୀପିକା ସ୍କୁଲ ବିଜୟୀ ହୋଇଛି। ନିର୍ଦ୍ଧାରିତ ୨୦ ଓଭରରେ କେନ୍ଦ୍ରୀୟ ବିଦ୍ୟାଳୟ ୫ଉଇକେଟ ବିନିମୟରେ ୧୨୬ରନ୍ କରି ୧୮ରନ୍‌ରେ ପରାସ୍ତ ହୋଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସୁନ୍ଦରଗଡ କେନ୍ଦ୍ରୀୟ ବିଦ୍ୟାଳୟର ଅଙ୍କିତ ମୁଣ୍ଡାଙ୍କୁ ମ୍ୟାନ ଅପ ଦି ମ୍ୟାଚ ବିବେଚିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କାଉନସିଲର ଡ. ହିମାଂଶୁ ଶେଖର ଷଡଙ୍ଗୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ବଡ଼ଗାଁରେ ଅଫିସ ବନ୍ଦ କଲେ ଓକିଲ ହାଇକୋର୍ଟ ବେଞ୍ଚ ଦାବି ଜୋର ଧରିଲା



ବଡଗାଁର ଅଫିସ ବନ୍ଦ କରାଯାଉଛି।

**ବଡଗାଁ, ୧୯।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁର ତହସିଲ ଅଫିସ ଓ ରାଜଗାଙ୍ଗପୁର କୋର୍ଟର ଓକିଲମାନେ ସୋମବାର ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ସମସ୍ତ ସରକାରୀ ଦପ୍ତର ଗୁଡିକରେ ତାଲା ପକାଇ ଆନ୍ଦୋଳନକୁ ଯୋରଦାର କରିଛନ୍ତି। ଏହି ଆନ୍ଦୋଳନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୯ ଓ ୩୦ ତାରିଖରେ ମହାବନ୍ଦ ଘୋଷଣା କରାଯାଇଛି। ୪୮ ଘଣ୍ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ସହ ଗମନାଗମନକୁ ମଧ୍ୟ ବନ୍ଦ କରାଯିବ। ତେବେ ୧୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡିକ ଆନ୍ଦୋଳନରୁ ମୁକ୍ତ ରହିବେ ଓ ସ୍ୱାଭାବିକ ଭାବେ ଚାଲିବ। ରାଜଗାଙ୍ଗପୁର ବାରର ଓକିଲ ସିଦ୍ଧାର୍ଥ ପାଣିଗ୍ରାହୀ, ଦେବାଶିଷ ମିଶ୍ର, ମାନସ ଜେନା, ଧରଣୀଧର ସା, ଶରତ କିଷାନ, ସାଲମି ତିଡୁ, ସୁଧାଂଶୁ ଶେଖର ନାଏକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ଅଫିସ ଗୁଡିକରେ ତାଲା ପକାଇଛନ୍ତି।

## ମିଳିତ ଜନଶୁଣାଣିରେ ଆଗତ ହେଲା:୬୪ ବ୍ୟକ୍ତିଗତ, ୩୩ ସାମୂହିକ ଅଭିଯୋଗ

**ଲହୁଣୀପଡା, ୧୯।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ପଞ୍ଚାୟତ ସମିତି ସ୍ତରୀୟ ମିଳିତ ଜନଶୁଣାଣି ସୋମବାର ସ୍ଥାନୀୟ ରାଜୀବ ଗାନ୍ଧୀ ସେବା ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ ଗୁରହା ସିଂ, ବଣେଇ ଉପଜିଲାପାଳ ଡା. ୟେଦୁଲା ବିଜୟ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅବକାଶ ରାଉତରାୟ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ସର୍ବଶିକ୍ଷା ଅଭିଯାନର ନିର୍ଦ୍ଦେଶ ଓ ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନଙ୍କ ସମେତ ବହୁ ଜିଲା, ଉପଖଣ୍ଡ, ବ୍ଲକ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ମିଳିତ ଜନଶୁଣାଣିରେ ୬୪ଟି ବ୍ୟକ୍ତିଗତ ଓ ୩୩ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ଶଙ୍ଖପୋଷ ପଞ୍ଚାୟତ ଆମରୁଢି ଗ୍ରାମର ତିନିଜଣ ମହିଳାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ଲହୁଣୀପଡା ବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ଜିପିଓ ସାରିଆ ଲାକ୍ରାଙ୍କ ସମେତ ବ୍ଲକ କର୍ମଚାରୀଙ୍କ ସହଯୋଗରେ ଏହି ମିଳିତ ଜନଶୁଣାଣି ହୋଇଥିଲା।




ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।




ଜିଲା କୋର୍ଟ ସମ୍ମୁଖରେ ଓକିଲମାନେ ଧାରଣାରେ ବସିଛନ୍ତି।

### ଜିଲା ଓକିଲ ସଂଘର ଆନ୍ଦୋଳନ

**ସୁନ୍ଦରଗଡ଼, ୧୯।୧୧ (ଡି.ଏନ୍.ଏ)** –ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ସୁନ୍ଦରଗଡ ଜିଲା ଓକିଲ ସଂଘ ପକ୍ଷରୁ ସୋମବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଓକିଲମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ବିଚାର ବିଭାଗୀୟ ଓ ରାଜସ୍ୱ ଅଦାଲତ ଗୁଡିକ ଆଗରେ ପିକେଟିଂ କରି ଅଚଳ କରିବା ପରେ ଜିଲା କୋର୍ଟ ସମ୍ମୁଖରେ ଧାରଣରେ ବସିଥିଲେ। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବା ସହ ୨୯ ଓ ୩୦ରେ ପଶ୍ଚିମ ଓଡିଶାରେ ଏହି ଦାବି ନେଇ ୪୮ ଘଣ୍ଟିଆ ମହାବନ୍ଦ ପାଳନ କରାଯିବ। ଏଥିରେ ସମସ୍ତ କୋର୍ଟ, କଚେରୀ ସମେତ ସମସ୍ତ ବ୍ୟାଙ୍କ, ଡାକଘର ଓ ବୀମା କାର୍ଯ୍ୟାଳୟ ଗୁଡିକ ମଧ୍ୟ ପିକେଟିଂ କରି ବନ୍ଦ କରାଯିବ। ଅନୁଷ୍ଠିତ ଆନ୍ଦୋଳନରେ ବରିଷ୍ଠ ଆଡଭୋକେଟ ନିମାଇଁ ନାଏକ, କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ, ଯୁଗଳ କିଶୋର ଠାକୁର, କିଶୋର ନଶଲ, ଦୁଷ୍ମନ୍ତ ନାଏକ, ପରମେଶ୍ୱର ନାଏକ, ପୌଷଚନ୍ଦ୍ର ପଟେଲ, ଜିଲା ଓକିଲସଂଘର ସଭାପତି ବିନୟ ଟପ୍ପୋ, ଉପସଭାପତି ସୁରେନ୍ ନାଏକ, ସମ୍ପାଦକ ସ୍ୱରାଜ ପଟେଲ, ଅଶୋକ ସ୍ୱାଇଁ, ପ୍ରଣବ ସିଂ, ବୁଦ୍ଧଦେବ ନାଏକ, ନିରଜ ସାମନ୍ତରା, ପ୍ରତିମା ମିଶ୍ର, ସୁପ୍ରଭା ପଟେଲ ପ୍ରମୁଖ ଓକିଲ ସଂଘର ସଦସ୍ୟମାନେ ସାମିଲ ଥିଲେ।

# ଯୁକ୍ତ ୨ କଲେଜରେ ସଡ଼କ ସୁରକ୍ଷା ସଚେତନତା ଶିବିର

**ବଡ଼ଗାଁ, ୧୯।୧୧ (ଡି.ଏନ.ଏ)**

ସମୟର ପରିବର୍ତ୍ତନ ସହିତ ପରିବହନ କ୍ଷେତ୍ରରେ ମଧ୍ୟ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ସଡକଗୁଡିକର କଳେବର ବୃଦ୍ଧି ପାଇଛି ଓ ଦ୍ରୁତଗତି ପାଇଁ ସହାୟକ ହୋଇଛି। ତେଣୁ ଅନେକ ସମୟରେ ଦୁର୍ଘଟଣାଜନିତ ଧନଜୀବନ ନଷ୍ଟ ହେବା ପରିଲକ୍ଷିତ ହେଉଛି। ସଚେତନତା ଓ ସାବଧାନତା ଦ୍ୱାରା ସଡକ ଦୁର୍ଘଟଣା ଦୂର କରାଯାଇପାରିବ ବୋଲି ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ଯୁକ୍ତ ୨ କଲେଜର ଆୟୋଜିତ ସଡକ ସୁରକ୍ଷା ସଚେତନତା ଶିବିରରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ରାମ ନିବାସ ସିରକା ମୁଖ୍ୟବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସୁନ୍ଦରଗଡ଼ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ସୁନ୍ଦରଗଡ ଉପଜିଲାପାଳ ବୀରସେନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସଡକ ସଚେତନତା କାର୍ଯ୍ୟକ୍ରମ ଅତ୍ୟନ୍ତ ଶିକ୍ଷଣୀୟ ହେବ ଏବଂ ଶିକ୍ଷାନୁଷ୍ଠାନଗୁଡିକ ନିୟମିତ ଏହିପରି କାର୍ଯ୍ୟକ୍ରମ ହାତକୁ ନେଲେ ସମାଜର ମଙ୍ଗଳ ସାଧିତ ହେବ କହିଥିଲେ। ଅନ୍ୟତମ ଅତିଥି ଜୁନିୟର ଏମ.ଭି.ଆଇ ବିକାଶ ମିଶ୍ର ଡ୍ରାଇଭିଂ ଲାଇସେନ୍ସ ଓ ହେଲମେଟ ବିନା ଗାଡି ନ ଚଳାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ନିଶାସେବନ ଓ ଦ୍ରୁତଗାଡି ଚାଳନାକୁ ବାରଣ କରି ଏହାଦ୍ୱାରା ହେଉଥିବା ଦୁର୍ଘଟଣା ଉପରେ ବୁଝାଇଥିଲେ। ରାଜଗାଙ୍ଗପୁରର ସ୍ୱେଚ୍ଛାସେବୀ ପି.କେ ପଟ୍ଟନାୟକ ସଭା କାର୍ଯ୍ୟ ସଞ୍ଚାଳନ କରି ସଚେତନତା ହିଁ ଦୁର୍ଲଭ ମଣିଷ ଜୀବନକୁ ସୁରକ୍ଷା ଦେଇପାରିବ ବୋଲି ମତପୋଷଣ କରିଥିଲେ। କଲେଜ ଅଧକ୍ଷା ସୁଶାନ୍ତ କୁମାର ଚୌଧୁରୀ ଅତିଥି ପରିଚୟ କରାଇଥିଲେ। ପ୍ରାଧ୍ୟାପକ ଦଶରଥ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶୁକ୍ରବାର କଲେଜ ଛାତ୍ରୀମାନଙ୍କ ପାଇଁ ୧୨ ଦିବସୀୟ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମାର୍ଶଲ ଆର୍ଟ ଉପରେ ଅଭିଜ୍ଞତା ରଖିଥିବା ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ମଣିଷର ସର୍ବାଧିକ ବାହ୍ୟ ଅଙ୍ଗ ଅସ୍ତ୍ର ଭାବେ ବ୍ୟବହାର କରିବାର କୌଶଳ ମାର୍ଶଲ ଆର୍ଟର ବିଶେଷତା। ଏହାକୁ ଦୈନନ୍ଦିନ ଅଭ୍ୟାସ ଦ୍ୱାରା ହାସଲ କରାଯାଇପାରିବ ବୋଲି ସେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ରାଜଗାଙ୍ଗପୁର ସ୍ଥିତ ଏସଡି ମହିଳା କଲେଜର ଛାତ୍ରୀ ପିଙ୍କି ମହାନନ୍ଦିଆ ଓ ରୀମା ମହାଲିଙ୍ଗ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବେ। ପିଙ୍କି ଜାତୀୟ ସ୍ତରରେ ବକ୍ସର। ଏହି କାର୍ଯ୍ୟକ୍ରମରେ ଅଧକ୍ଷଙ୍କ ସହ ଅଧାପିକା ଉପସ୍ଥିତ ଥିଲେ।




ସଡକ ସୁରକ୍ଷା ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।